ଧରିତ୍ରୀ
DHARITRI
May 25-31, 2025 ₹ 2/-

ଧରିତ୍ରୀ
DHARITRI
51
Years


# ଛୁଟିଦିନ



# ଓଡ଼ିଶାରେ ପାମ୍ ଚାଷ

୩
ପ୍ରଚ୍ଛଦ ପ୍ରସଙ୍ଗ

ଆମ ଦେଶରେ ଖାଇବା ତେଲର ଚାହିଦା ମେଣ୍ଟାଇବା ଲାଗି ସରକାର ଏକ ନୂତନ ଯୋଜନାରେ ପାମୋଲିନ ତେଲ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଅଣ ଜଳସେଚିତ ଜମିରେ କମ୍ ପରିଶ୍ରମ, ଅଳ୍ପ ଯତ୍ନ କରି ଅଧିକ ଲାଭ ପାଉଥିବାରୁ ଚାଷୀମାନଙ୍କର ଏଥିପ୍ରତି ଆଗ୍ରହ ବଢୁଛି...



# କ'ଣ ଦେବେନି ଉପହାରରେ

**ବାସ୍ତୁଶାସ୍ତ୍ର ଅନୁସାରେ, ଏମିତି ବି କିଛି ଜିନିଷ ରହିଛି; ଯାହାକୁ ଗିଫ୍ଟ ଆକାରରେ କାହାକୁ ଦେବା ଓ ନେବା ଭଲ ହୋଇ ନ ଥାଏ ବୋଲି ବିଶ୍ୱାସ ରହିଛି...**

✲ **ପର୍ସ:** ବାସ୍ତୁଶାସ୍ତ୍ର ଅନୁଯାୟୀ କାହାକୁ ପର୍ସ ଗିଫ୍ଟ ଆକାରରେ ଦେବା ଠିକ୍ ନୁହେଁ। ଖାସ୍‌କରି ନିଜେ ବ୍ୟବହାର କରୁଥିବା ପର୍ସ। କାରଣ, ଏହି ପର୍ସରେ ଆପଣ ଆପଣଙ୍କ ଟଙ୍କାକୁ ସଞ୍ଚୟ



କରି ରଖୁଥିଲେ; ଯାହା ସହିତ ଆପଣଙ୍କର ଭାଗ୍ୟ ଜଡ଼ିତ ଥିଲା। ଉକ୍ତ ପର୍ସକୁ କାହାକୁ ଗିଫ୍ଟ ଦେବା ଦ୍ୱାରା ଆପଣ ଆପଣଙ୍କ ଭାଗ୍ୟକୁ ବି ତାଙ୍କ ହାତକୁ ଟେକି ଦେଲେ ବୋଲି ବିଶ୍ୱାସ କରାଯାଏ। ତେଣୁ ନିଜ ପର୍ସ ନ ଦେଇ ନୂଆ ପର୍ସ କିଣି ଦେଇପାରିବେ।

✲ **କଳା ଜିନିଷ:** ବାସ୍ତୁଶାସ୍ତ୍ରରେ କଳା ରଙ୍ଗର ଜିନିଷ ଉପହାରରେ ଦେବା ଉପରେ କିଛିଟା ପ୍ରତିବନ୍ଧକ ରହିଛି। ତେଣୁ ଏହି ରଙ୍ଗର ଡ୍ରେସ୍ ହେଉ କି କୌଣସି ଜିନିଷ ଉପହାରରେ ଦେଲେ ସମ୍ପର୍କରେ ତିକ୍ତତା ଆସିଥାଏ ବୋଲି ଅନେକଙ୍କର ଧାରଣା।

✲ **ମୋତି:** ଏହା ଦେଖିବାକୁ ଖୁବ୍ ସୁନ୍ଦର ଲାଗେ ସତ କିନ୍ତୁ ବାସ୍ତୁଶାସ୍ତ୍ରରେ ମୋତିକୁ କାହାକୁ ଗିଫ୍ଟ ଆକାରରେ ଦେବାରେ ବାରଣ ରହିଛି। ବିଶ୍ୱାସ ରହିଛି ଯେ, ମୋତି ହେଉଛି ଈଶ୍ୱରଙ୍କ ଅଶ୍ରୁର ଏକ ପ୍ରତୀକ। ତେଣୁ କାହାକୁ ଗିଫ୍ଟ ଆକାରରେ ମୋତି ଦେଲେ ବ୍ୟକ୍ତିଙ୍କ ଜୀବନରେ ନକାରାତ୍ମକତା ଛାଇ ଯାଇଥାଏ ବୋଲି ବିଶ୍ୱାସ କରାଯାଏ।

✲ **ରୁମାଲ:** ବାସ୍ତୁଶାସ୍ତ୍ର ଅନୁଯାୟୀ, କାହାକୁ ରୁମାଲ ଗିଫ୍ଟ ଦେଲେ ସମ୍ପର୍କ ଖରାପ ହୁଏ ବୋଲି ଲୋକବିଶ୍ୱାସ ରହିଛି।

✲ **ପରଫ୍ୟୁମ୍:** ପରଫ୍ୟୁମ୍ ବି କାହାକୁ ଗିଫ୍ଟରେ ଦେବାକୁ ବାସ୍ତୁଶାସ୍ତ୍ରରେ ବାରଣ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୫-୩୧, ୨୦୨୫

**ମେଷ:** ସୁସ୍ଥ ମାନସିକତା, ପାରିବାରିକ ସ୍ଥିରତା, ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେବେ, ମିତ୍ରତା ସୃଷ୍ଟି କରିପାରନ୍ତି, ଦୁଃସାହାସିକ କାମରେ ଅନୁପ୍ରବେଶ, ଯାତ୍ରାରେ ଅଭିଳଷିତ ଫଳ, କ୍ରୀଡା ଚଳଚ୍ଚିତ୍ରରେ ସମସ୍ୟା, ସାଂଗଠନିକ ଆଲୋଚନା ॥

**ବୃଷ:** କର୍ମକ୍ଷେତ୍ରରେ ସମସ୍ୟା, ରକ୍ତଚାପ ବୃଦ୍ଧି, ଶାରୀରିକ ପୀଡା, ମାଙ୍ଗଳିକ ଉତ୍ସବ, ଭାତୃବର୍ଗରେ ସମସ୍ୟା, ବନ୍ଧୁଙ୍କୁ ଆପଣେଇବେ, ଅର୍ଥାଳଙ୍କାର ପ୍ରାପ୍ତି, ତିର୍ଥାଟନର ସୁଯୋଗ, ସାମାଜିକ ସମ୍ମାନ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥

**ମିଥୁନ:** କର୍ମକ୍ଷେତ୍ରରେ ଅବହେଳା, କୈଫିୟତ ତଲବ, ଆର୍ଥିକ ଦୂରବସ୍ଥା, ବିଦେଶଯାତ୍ରାର ସୁଯୋଗ, ଅପ୍ରିୟଭାଷଣରୁ ଅଶାନ୍ତି, କ୍ରନିକ୍ ରୋଗରେ ପୀଡା, ଭୁଲ ବୁଝାମଣାରୁ ଦ୍ୱନ୍ଦ୍ୱ, ପରିବାରରେ ବିଶୃଙ୍ଖଳା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ॥

**କର୍କଟ:** ଶାରୀରିକ ସୁସ୍ଥତା, ସଭାସମିତିକୁ ନିମନ୍ତ୍ରଣ, ପଡୋଶୀଙ୍କ କଟୁକ୍ତି, ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଶ୍ରମଜନିତ ଅବସାଦ, ମିଥ୍ୟାଭିଯୋଗ ଆସିବ, ବନ୍ଧୁ ଭୁଲ୍ ବୁଝିବେ, ନିଜ ପରିସରରେ ପ୍ରତିଷ୍ଠା ॥

**ସିଂହ:** କାର୍ଯ୍ୟସିଦ୍ଧିରୁ ଆନନ୍ଦ, ମିତ୍ର ବନ୍ଧୁଙ୍କ ପ୍ରଶଂସା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ନୂତନସମ୍ପର୍କ ସୃଷ୍ଟି, କୃତି ଓ କୃତିତ୍ୱରୁ ପ୍ରଶଂସା, ବାଣିଜ୍ୟରେ ପ୍ରତିବନ୍ଧକ, ମକଦ୍ଦମାରେ ସଫଳତା, ଯାନ୍ତ୍ରିକ ଜିନିଷର ମରାମତି ॥

**କନ୍ୟା:** କାର୍ଯ୍ୟ ଦକ୍ଷତାରୁ ପ୍ରଶଂସା, ଅର୍ଥନୈତିକ ଅଭିବୃଦ୍ଧି, ବନ୍ଧୁମିଳନରେ ଆନନ୍ଦ, ଦୂରଯାତ୍ରା କରିପାରନ୍ତି, ଅଶାନ୍ତି ଲାଗି ରହିବ, ଭ୍ରାତୃ ସମ୍ପର୍କ ବୃଦ୍ଧି, ଏଜେନ୍ସିପରୁ ଖୁସି ରହିବେ, ବିଭିନ୍ନ ସୂତ୍ରରୁ ରୋଜଗାର, ପାରିବାରିକ ଶାନ୍ତି ॥

**ତୁଳା:** କର୍ମଜଞ୍ଜାଳ ବୃଦ୍ଧି, ସାମାଜିକ ସ୍ତରରେ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, କାର୍ଯ୍ୟହାନୀ ଘଟିପାରେ, ଯାତ୍ରାରେ ପ୍ରତିବନ୍ଧକ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଅବହେଳାରୁ କାର୍ଯ୍ୟହାନୀ, ଆଲୋଚନାରେ ନୀରବତା, ଶୁଣାଣିରେ ବିଳମ୍ବ ॥

**ବିଛା:** ଉଚ୍ଚସ୍ତରରେ ସମ୍ମାନ, ସାଂଗଠନିକ ନେତୃତ୍ୱ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ସାହିତ୍ୟ ସାଧନାରେ ଆଗ୍ରହ, ବକେୟା ଟଙ୍କା ପାଇବେ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଧର୍ମାନୁଷ୍ଠାନରୁ ପ୍ରେରଣା, ଶିକ୍ଷାରେ ସଫଳତା ॥

**ଧନୁ:** ମାନସିକ ପ୍ରଫୁଲ୍ଲତା, ବନ୍ଧୁ ମିଳନରୁ ଆନନ୍ଦ, ଆମୋଦପ୍ରମୋଦର ମଉକା, ପୁତ୍ରକନ୍ୟାଙ୍କ ସମସ୍ୟା, ପରାଶ୍ରୟତାରୁ ଦୁଃଖ, ସ୍ୱାସ୍ଥ୍ୟରେ ଉନ୍ନତି, ପଡୋଶୀଙ୍କ ସହାନୁଭୂତି, ଶୁଭଖବର ପାଇବେ, ପାରିବାରିକ ସଦ୍ଭାବ, ସାମୟିକ ବାଧା, ବିଚଳିତ ରହିପାରନ୍ତି ॥

**ମକର:** ଦୁଶ୍ଚିନ୍ତା ଦୂର ହେବ, ବନ୍ଧୁଙ୍କ ସାହାଯ୍ୟପ୍ରାପ୍ତି, ଯାନ୍ତ୍ରିକ ତ୍ରୁଟି, ଆଘାତ ଲାଗିପାରେ, ଦୂରଯାତ୍ରା କରିବେ, ବିରୋଧୀଙ୍କ ପ୍ରତିବାଦ, ଜିଦ୍‌ରୁ ଅଶାନ୍ତି, ଦ୍ୱନ୍ଦ୍ୱର ଅବସାନ, ନୂତନ ମିତ୍ରତା, ଆଶା ଫଳବତୀ ହେବ, ଦୈହିକ ଦୁର୍ବଳତା ॥

**କୁମ୍ଭ:** ସମସ୍ୟା ସମାଧାନ, ପାରିବାରିକ ବ୍ୟତିକ୍ରମ, ଭ୍ରମଣ ସୁଯୋଗ ଜୁଟିବ, ବ୍ୟବସାୟରେ ଉନ୍ନତି, ମାଙ୍ଗଳିକ କାମ, ବନ୍ଧୁ ମିଳନରୁ ଆନନ୍ଦ, ଯାତ୍ରାରେ ସଫଳତା, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ବିତର୍କ, ଆନୁଷ୍ଠାନିକ କାର୍ଯ୍ୟକ୍ରମ, ନିର୍ମାଣରେ ବିବାଦ ॥

**ମୀନ:** ପରିବାରରେ କଳହ, ଋଣଗ୍ରସ୍ତ ହୋଇପାରନ୍ତି, ଗୃହାରମ୍ଭ କରିପାରନ୍ତି, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ଲେଖାପଢାରୁ ଶୁଭଫଳ, ସ୍ଥଗିତ କର୍ମାରମ୍ଭ, ପ୍ରତିକୂଳତା ଦୂର ହେବ, ପରିସ୍ଥିତି ବଦଳିବ, ଆଇନ ସହାୟତା ପ୍ରାପ୍ତି, ବନ୍ଧୁମିଳନରୁ ଆନନ୍ଦ, ଯୋଗ ଶିକ୍ଷାରେ ରୁଚି ॥

# ଘର ପାଇଁ ୫ଟି ଲକି ପ୍ଲାଣ୍ଟ

ଆମ ସଂସ୍କୃତିରେ ଘର ଅଗଣାରେ ତୁଳସୀ ଗଛ ରହିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ। ବାସ୍ତୁଶାସ୍ତ୍ରରେ ବି ଏକଥାକୁ ସ୍ୱୀକାର କରାଯାଇଛି। ତେବେ ତୁଳସୀ ଗଛ ସମେତ ଆହୁରି ବି କିଛି ଗଛ ଅଛି; ଯାହାକୁ ରଖିବା ଦ୍ୱାରା ଘରେ ସକରାତ୍ମକ ଊର୍ଜ୍ଜାର ପ୍ରଭାବ ବୃଦ୍ଧି ପାଇଥାଏ। ଯେମିତିକି ✲ **ମନି ପ୍ଲାଣ୍ଟ:** ବାସ୍ତୁଶାସ୍ତ୍ରରେ ମନି ପ୍ଲାଣ୍ଟକୁ ମାତା ଲକ୍ଷ୍ମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ। ଏହାକୁ ଘରେ ଲଗାଇଲେ ଧନ, ସମୃଦ୍ଧି, ସୁଖ-ଶାନ୍ତି ବୃଦ୍ଧି ହେବା ସହ ମାତା ଲକ୍ଷ୍ମୀଙ୍କର ଅପାର କୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହାକୁ ଲଗାଇବା ପାଇଁ ପୂର୍ବ, ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗ ସବୁଠୁ ଉତ୍ତମ ହୋଇଥାଏ। ✲ **ଲକି ବାମ୍ବୋ:** ଏହାକୁ ଧନ, ସୁଖ, ସଫଳତା ଓ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ଏହାକୁ ଉଭୟ ଘରେ ହେଉକି ଅଫିସ୍‌ରେ ରଖିଲେ ଶୁଭଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି ଗଛକୁ ପୂର୍ବ କିମ୍ବା ଦକ୍ଷିଣ-ପୂର୍ବ ଦିଗରେ ଲଗାଇବା ଶୁଭ ହୋଇଥାଏ। ✲**ସ୍ନେକ ପ୍ଲାଣ୍ଟ:** ଏହାକୁ ବି ବାସ୍ତୁଶାସ୍ତ୍ରରେ ଲକି ପ୍ଲାଣ୍ଟ ବୋଲି କୁହାଯାଏ। ଏହା ଏକ ଏୟାର୍ ପ୍ୟୁରିଫାୟାର୍ ପ୍ଲାଣ୍ଟ। ଏହାକୁ ଘରେ ରଖିଲେ ଘରର ଶୋଭା ବୃଦ୍ଧି ପାଇବା ସହ ସେଠାକାର ବାୟୁକୁ ବି ଶୁଦ୍ଧ କରିଥାଏ। ଘର ଭିତରକୁ ଆସୁଥିବା ଖରାପ ନଜରରୁ ମଧ୍ୟ ଏହା ସୁରକ୍ଷା ପ୍ରଦାନ କରିଥାଏ।



✲**ଆଲୋଭେରା:** ଔଷଧୀୟ ଗୁଣରେ ଭରା ଏହି ପ୍ଲାଣ୍ଟର ବାସ୍ତୁଶାସ୍ତ୍ରରେ ବି ସ୍ୱତନ୍ତ୍ର ସ୍ଥାନ ରହିଛି। କୁହାଯାଏ, ଘରେ ଏହି ଗଛ ରଖିଲେ ଘରର ବାତାବରଣ ଶୁଦ୍ଧ ହେବା ସହ ଘର ଉପରେ ସକରାତ୍ମକ ଊର୍ଜ୍ଜାର ପ୍ରଭାବ ପଡିଥାଏ। ✲ **ମଲ୍ଲି:** ଏହି ଗଛକୁ ପବିତ୍ରତା, ପ୍ରେମ ତଥା ସକରାତ୍ମକ ଊର୍ଜ୍ଜାର ପ୍ରତୀକ ବୋଲି କୁହାଯାଇଥାଏ। ଘରେ ଏହି ଗଛ ରଖିଲେ ଶୁଭ ହୋଇଥାଏ।

# ପାଠକୀୟ

✲ ସନ୍ତାନ ପାଇଁ ଯିଏ ସବୁ କଷ୍ଟ ସହିପାରେ ଓ ତା'ର ଚେନାଏ ହସ ଦେଖି ଯିଏ ସବୁ ଭୁଲିଯାଏ ସେ ହେଉଛି ମା'। ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜର ଶାରୀରିକ ଅକ୍ଷମତା ତାକୁ ଦୁର୍ବଳ କରିପାରେନା ବରଂ ସେ ଆହୁରି ସଶକ୍ତ ହୁଏ ସନ୍ତାନ ପାଇଁ। ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମା' ସର୍ବଂସହା'ଟି ପ୍ରେରଣାଦାୟୀ ଥିଲା। 'ଘରେ ୱାଟର୍ ଫାଉଣ୍ଟେନ୍ ରଖୁଥିଲେ', 'ଖାଲି ରଖିବେ ନାହିଁ ଏହି ଜିନିଷ' ଆଦି ପାଠର ଉପସ୍ଥାପନା ଶୈଳୀ ବି ସୁନ୍ଦର ଥିଲା।

*– ମଞ୍ଜୁଲତା ସ୍ୱାଇଁ, କନ୍ଧମାଳ*

✲ ସାରା ଦୁନିଆ ହାତ ଛାଡ଼ିପାରେ, ହେଲେ ଯିଏ କେବେ ବି ହାତ ଛାଡ଼େନା ସେ ହେଉଛି ମା'। ନିଜ ପଣତ ତଳେ ଲୁଚାଇ ରଖେ। ଏମିତି କି ସନ୍ତାନ ପାଇଁ ନିଜ ଶାରୀରିକ ଅକ୍ଷମତାକୁ ବି ସକ୍ଷମତାରେ ପରିଣତ କରି ଅସମ୍ଭବକୁ ସମ୍ଭବ କରିପାରେ। ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପିତ 'ମା' ସର୍ବଂସହା' ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଥିଲା। *– ପ୍ରଭାବତୀ ସାହୁ, କଟକ*

✲ ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'କୁଲ୍, କମ୍ଫଟେବଲ୍ ଟି-ଶାର୍ଟ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗୀତିକବି, ଗାଳ୍ପିକ, ପ୍ରାବନ୍ଧିକ ମନୋଜ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଠାକୁରାଣୀ' ଶୀର୍ଷକ ଗପଟି ଭାରୀ ମନଛୁଆଁ ଥିଲା।

*– ଚିନ୍ମୟ ଦାଶ, ବାଲେଶ୍ୱର*

✲ ସିନେମା ପୃଷ୍ଠାଟି ଆକର୍ଷଣୀୟ ଥିଲା। ଏଥିରେ ସ୍ଥାନିତ 'ଯାହା ଖୋଜୁଥିଲେ ଅନନ୍ୟା', 'ବରୁଣଙ୍କ ପ୍ରଶଂସାରେ ମୌନି', 'ଚିନ୍ତା କରୁଛନ୍ତି ସଲମାନ୍' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। ସାହିତ୍ୟିକା ଡ.ସୁମିତ୍ରା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। *– ମନ୍ଦାକିନୀ ପୃଷ୍ଟି, ମୟୂରଭଞ୍ଜ*

✲ ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଥିଲା। ଖବରକାଗଜ, ପାନିଆ ଓ ଚାମଚ ସଂଗ୍ରାହକ ଡ.ବିମଳ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଭୂମିକା ଖୁବ୍ ସୁନ୍ଦରୀ ଲାଗୁଥିଲେ। 'ମଣ୍ଡ୍ରେମ୍ ବିଟ୍' ସମ୍ପର୍କରେ ସହର ପୃଷ୍ଠାରୁ ଅନେକ ଅଜଣା କଥା ଜାଣିହେଲା।

*– ସୁନୀତା ବେହେରା, ରାଜକନିକା*

✲ ବିବିଧା ପୃଷ୍ଠାରୁ 'ଲାଲରଙ୍ଗ ହିଁ କାହିଁକି' ଏବଂ ବ୍ୟଙ୍ଗ ପୃଷ୍ଠାରୁ 'ବହୁ ମୁରବିରେ ମରିବା ସାର' ଶୀର୍ଷକ ପାଠଟି ପଢି ବହୁ ଉପାଦେୟ କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ହେବା ସହ ଏଥିରେ ଅନେକ ମନଛୁଆଁ ଲେଖା ବି ଥିଲା।

*– ତନୁଜା ସ୍ୱାଇଁ, ଭଦ୍ରକ*

## ବିଶେଷ ଚିଠି





ମା' ସର୍ବଂସହା
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ତା'ସାଙ୍ଗକୁ ଭାରୀ ଭଲ ଥିଲା
ତୁମ ବ୍ୟକ୍ତିତ୍ୱ ଓ ସୃଜନ
ମନ କିଣି ନେଉଥିଲା ପୁଣି
ବିବିଧାର ପାଠମାନ।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ନୂତନ।

*– ପୁନିତ୍ ବିଶ୍ୱାଳ, ଝାରସୁଗୁଡ଼ା*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଓଡ଼ିଶାରେ ପାମ୍ ଚାଷ




ଆମ ଦେଶରେ ଜନସାଧାରଣଙ୍କ ଜୀବନଜୀବିକା କୃଷି ଉପରେ ନିର୍ଭରଶୀଳ। ବିଭିନ୍ନ ଫସଲ ମଧ୍ୟରେ ତୈଳବୀଜ ଫସଲ ଏକ ଲାଭଦାୟକ ଚାଷ। ଏହି ତୈଳବୀଜ ମଧରେ ପାମ୍ ଚାଷ ଅନ୍ୟତମ। ଦେଶ ଓ ରାଜ୍ୟରେ ଖାଦ୍ୟ ଉପଯୋଗୀ ତେଲର ଅଭାବ ମେଣ୍ଟାଇବାକୁ ଭାରତରେ ପାମ୍ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଓଡ଼ିଶାରେ ମଧ କେତେକ ଜିଲାରେ ଏହି ଚାଷ କରାଯାଉଛି। ଯାହା କମ୍ ଖର୍ଚ୍ଚରେ ଭଲ ଅର୍ଥ ରୋଜଗାର ଦେଇପାରୁଥିବାରୁ ଓଡ଼ିଶାର ବହୁ ଚାଷୀ ଏବେ ଏହି ଚାଷ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି...

**ବରଗଡ଼ରେ ପାମ୍ ଚାଷ–:** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଏକ ଅଣଜଳସେଚିତ ଅଞ୍ଚଳ। ଏଠାରେ ଗଭୀର ନଳକୂପ କିମ୍ବା ଉଠାଜଳସେଚନକୁ ଛାଡ଼ିଦେଲେ ଆବଶ୍ୟକ ଜଳସେଚନର ସ୍ଥାୟୀ ସୁବିଧା ନାହିଁ । କିନ୍ତୁ ଧାନ ଉତ୍ପାଦନରେ ରେକର୍ଡ କରୁଥିବା ବରଗଡ଼ ଜିଲାର ଚାଷୀ ବର୍ତ୍ତମାନ ଅଣଧାନ ଚାଷ ପ୍ରତି ଆକୃଷ୍ଟ ହେଉଛନ୍ତି । ଏହି ପରିପେକ୍ଷୀରେ ଗତ ୨୦୧୦–୧୧ ବର୍ଷରୁ ଅନେକ ଚାଷୀ ପାମ୍ ଚାଷ ପ୍ରତି ଆଗ୍ରହ ଦେଖାଉଛନ୍ତି । ଏକ ସର୍ଭେ ଅନୁଯାୟୀ ୨୦୨୧–୨୨ ବର୍ଷରେ ବରଗଡ଼ ଜିଲାରେ ୧୩୧ଜଣ ଚାଷୀ ପ୍ରଥମେ ପାମ୍ ଚାଷ ଆରମ୍ଭ କରିଥିବା ବେଳେ ୨୦୨୪–୨୫ବର୍ଷରେ ୨୨୦ଜଣ ଚାଷୀ ପାମ୍ ଚାଷକରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ପାମ୍ ଚାଷର ଜ୍ଞାନ କୌଶଳ ସହିତ ପ୍ରୋତ୍ସାହନ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ଖାଦ୍ୟ ତେଲ ମିଶନ ଗଠନ କରିଛନ୍ତି । ବର୍ତ୍ତମାନ ଆମ ରାଜ୍ୟରେ ୧୦୦୦୦ ହେକ୍ଟରରୁ ଅଧିକ ଜମିରେ ପାମ୍ ଚାଷ କରାଯାଇଛି। ବିଶେଷକରି ଦେଶରେ ଖାଇବା ତେଲର ଆବଶ୍ୟକତା ମେଣ୍ଟାଇବା ପାଇଁ ଏହି ଚାଷକୁ ଗୁରୁତ୍ୱ ଦିଆଯାଉଛି । ଏହି ଚାଷ ପାଇଁ ପାମ୍ ଗଛ ରୋପଣର ତୃତୀୟ ବର୍ଷଠାରୁ ୩୦ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ବର୍ଷକୁ ୩ଥର ଆୟ ଯୋଗାଇ ଥାଏ ।

**ଚାଷୀଙ୍କୁ ଲାଭବାନ କରିଛି ପାମ୍**–ପ୍ରଥମେ ଖଇରା ବ୍ଲକରେ ୨୦୦୭–୦୮ମସିହାରେ ୩୦ ଏକର ଜମିରେ ପାମ ଚାଷ କରାଯାଇଥିଲା। ଆବଶ୍ୟକ ତାଲିମ ଅଭାବ ତଥା ବଜାରୀକରଣ ଅସୁବିଧା କାରଣରୁ ଚାଷୀମାନେ ବିଶେଷ ସଫଳତା ପାଇ ନ ଥିଲେ । ହେଲେ ଯେଉଁମାନେ ନିଜେ ବାହାର ବଜାରକୁ ନେଇଥିଲେ ସେମାନେ କିନ୍ତୁ ଯଥେଷ୍ଟ ଲାଭବାନ ହୋଇଥିଲେ । ଏମାନଙ୍କ ମଧରେ ଅଛନ୍ତି ମାଣିତ୍ରୀ ପଞ୍ଚାୟତ ଅଧୀନ ଜଳଙ୍ଗ–ଗଣ୍ଡିବେଡ ଗ୍ରାମର ସୁଶାନ୍ତ ମହାପାତ୍ର । ୨୦୦୭–୦୮ ମସିହାରେ ସେ ୯୦ଟି ଗଛ ଲଗାଇଥିଲେ। ଏଥିମଧ୍ୟରୁ ୬୦ଟି ଗଛ ବଞ୍ଚିଛି । ୨୦୧୪–୧୫ରୁ ଫଳ ବିକିବା ଆରମ୍ଭ କରିଥିଲେ । ଏହି ଯୋଜନା ଲାଗୁ କରିଥିବା କମ୍ପାନୀକୁ ପ୍ରଥମେ ପ୍ରତ୍ୟେକ ମାସ ୧୦ କୁଇଣ୍ଟାଲ ଓ ପରବର୍ତ୍ତୀ ସମୟରେ ୧୫ କୁଇଣ୍ଟାଲ କରି ବିକ୍ରି କରିଥିଲେ । ୨୦୨୧–୨୨ ପରେ ଜଳସେଚନ ଅଭାବରୁ ଆଉ ଫଳ ଫଳି ନ ଥିଲା । କିନ୍ତୁ ଏବେ ପୁଣି ଥରେ ଉଦ୍ୟାନ ବିଭାଗ ଓ ପତଞ୍ଜଳିର ମିଳିତ ଉଦ୍ୟମରେ ୨ ବର୍ଷ ତଳେ ପାମ୍ ଚାଷ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି । ଖଇରା ବ୍ଲକରେ ୨୦୨୩–୨୪ରେ ୧୦ ଏକର ଓ ୨୪–୨୫ରେ ୨୫ ଏକର ଜମିରେ ଏହି ଚାଷ ହାତକୁ ନିଆଯାଇଛି। ୨୩–୨୪ରେ ୬ଜଣ ଓ ୨୪–୨୫ରେ ୨୨ଜଣ ଚାଷୀଙ୍କୁ ଏଥିରେ ସାମିଲ କରାଯାଇଛି । ଏହି ଚାଷକୁ ନେଇ ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟରେ ୧୭୨ ଗଛ ଲଗାଇଛନ୍ତି। ଖଇରା ବ୍ଲକର ଡୁଙ୍ଗୁରା, ଡାଲଙ୍ଗ ସାରୁଗାଁ, ଅଚ୍ୟୁତପୁର, ବଡନୂଆଗାଁ, ଅମରିଆ, ବଡଜୟିପୁର, ଝିଙ୍କିରିଆ ପଞ୍ଚାୟତର ଚାଷୀମାନଙ୍କୁ ପ୍ରଥମେ ଏହି ଯୋଜନାରେ ସାମିଲ କରାଯାଇଛି । ସାଢେ ୩ ବର୍ଷରେ ଫଳ ଫଳିବା ପରେ ଲାଭକ୍ଷତି କଥା କହି ପାରିବେ ବୋଲି କୁପାରୀ ପଞ୍ଚାୟତ ଚୂନନଟି ଗ୍ରାମର ପ୍ରଭାସ ଚନ୍ଦ୍ର ଦକ୍ଷିଣରାୟ କହିଛନ୍ତି । ଗଛ ଲଗାଇଥିବା ସମସ୍ତ ଚାଷୀଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରାଯାଇଛି ଏବଂ ବିକ୍ରି ସୁବିଧା ପାଇଁ ଚାଷୀଙ୍କ ପାଖରୁ ମଞ୍ଜି ନେବାର ବ୍ୟବସ୍ଥା ମଧ ହୋଇଥିବାର ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ତାରାକାନ୍ତ ମହାପାତ୍ର କହିଛନ୍ତି ।

**ପାମ୍ ଚାଷରେ ଚାଷୀ ଲାଭବାନ ହେଉଛନ୍ତି**– ମୟୂରଭଞ୍ଜ ଜିଲାରେ ପାମ୍ ଚାଷ କରି ଚାଷୀ ଏବେ ଲାଭବାନ ହେବାରେ ଲାଗିଛନ୍ତି। ସରକାରଙ୍କ ତରଫରୁ ମିଳୁଥିବା ସବ୍‌ସିଡି ରାଶିକୁ ଉପଯୁକ୍ତ ଭାବେ ବିନିଯୋଗ କରି ଚାଷୀମାନେ ବେଶ୍ ଉପକୃତ ହୋଇପାରିଛନ୍ତି। ଏହି ଜିଲାର ବାରିପଦା, ଉଦଳା, ବେତନଟୀ, ଖୁଣ୍ଟା, ଗୋପବନ୍ଧୁନଗର, ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ଅଞ୍ଚଳରେ ପାମ୍ ଚାଷ ହେଉଛି। ଖୁଣ୍ଟା ବ୍ଲକର ବିସିପୁର ଓ ହରିଶୋଳ, ବେତନଟୀ ବ୍ଲକର ଅଙ୍ଗାରଗଡିଆ, ଗୋପବନ୍ଧୁନଗର ବ୍ଲକର ଦେବଗାଁ ଓ ରାଇପଦା, ମୋରଡା ବ୍ଲକର ହଳଦୀପାଳ, ରାସଗୋବିନ୍ଦପୁର ବ୍ଲକର ଅସ୍ତିଆ, ଭୂୟାଁମରା ଓ ପାରୁଲିଆ ଗ୍ରାମର ଚାଷୀମାନେ ଏହି ଚାଷକୁ ଆପଣାଇଛି। ପ୍ରତି ହେକ୍ଟରରେ ଥିବା ୧୪୩ଟି ଗଛ ପାଇଁ ସରକାରଙ୍କ ପକ୍ଷରୁ ୨୯ହଜାର ଟଙ୍କା ସବ୍‌ସିଡି ପ୍ରଦାନ କରାଯାଉଛି। ପାମ୍‌ରୁ ଫଳ ଉତ୍ପାଦନ ହେବା ପର୍ଯ୍ୟନ୍ତ ପ୍ରାୟ ୩ରୁ ୪ବର୍ଷ ଲାଗିଥାଏ। ଏହି ବର୍ଷଗୁଡିକରେ ଚାଷୀମାନଙ୍କୁ ପରିବା ଚାଷ, ଖତ, ସାର ଓ ରକ୍ଷଣାବେକ୍ଷଣ ପାଇଁ ୪୨ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ୧୦ ଏକର ବିଶିଷ୍ଟ ଚାଷୀଙ୍କ ପାଇଁ ବୋରୱେଲ ବାବଦରେ ୫୦ହଜାର ଟଙ୍କା, ଜିଆଖତ କୁଣ୍ଡ ପାଇଁ ହେକ୍ଟର ପିଛା ୧୫ହଜାର, ଫଳ ଅମଳ ପାଇଁ କଟର ମେଶିନ ବାବଦରେ ଅଢେଇ ହଜାର ଟଙ୍କା, ଶିଡି ପାଇଁ ୫ହଜାର, ତାଳ କଟା ଯନ୍ତ୍ର ପାଇଁ ୧୫ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯାଉଛି। ଜଳବାୟୁ ଓ ମାଟିର ଉର୍ବରତାକୁ ନେଇ ଏହି ଚାଷୀମାନେ ପାମ୍ ଚାଷ କରି ସ୍ୱାବଲମ୍ବୀ ହେବାରେ ଲାଗିଛନ୍ତି ବୋଲି ଉଦ୍ୟାନ କୃଷି ବିଭାଗର ମୁଖ୍ୟ ଅଧିକାରୀ ଟଙ୍କଧର କାଲୋ ପ୍ରକାଶ କରିଛନ୍ତି। ବେତନଟୀ ଆମ୍ବଗଡିଆ ଗ୍ରାମର ଚାଷୀ ବଳରାମ ଦାସ କୁହନ୍ତି, '୨ହେକ୍ଟର ଜମିରେ ପାମ୍ ଚାଷ କରି ବର୍ଷକୁ ୬ଲକ୍ଷ ଟଙ୍କା ଲାଭବାନ ହୋଇପାରିଛୁ। ପତଞ୍ଜଳି ପକ୍ଷରୁ ୨୦୨୩ରେ ରାଜ୍ୟର ପ୍ରଥମ ଚାଷୀଭାବେ ମାଗାଜିନରେ ସ୍ଥାନିତ ହୋଇଥିଲା। ଏହି ଫାର୍ମରେ ୫ଟି ପରିବାର ରୋଜଗାରକ୍ଷମ ହୋଇପାରିଛନ୍ତି।' ମୋରଡା ବ୍ଲକ ସୁନାଇଡିହୀ ଗ୍ରାମର ଚାଷୀ ସୁମନ୍ତ ବେହେରା କୁହନ୍ତି, 'ପ୍ରାୟ୧୨ହେକ୍ଟର ଜମିରେ ପାମ୍ ଚାଷ କରିଛି। ୧୨ଶହ ପାଖାପାଖି ଗଛ ମଧ୍ୟରୁ କିଛି ଗଛରେ ଫଳ ଧରିବା ଆରମ୍ଭ ହୋଇଛି । ଖରାଦିନ ଅପେକ୍ଷା ବର୍ଷାଦିନେ ଫଳ ଭଲ ହୁଏ। ଅଦ୍ୟାବଧି ଚାଷରେ ଖର୍ଚ୍ଚ ଉଠିପାରୁ ନ ଥିବା ବେଳେ ଆଗାମୀ ବର୍ଷ ମଧ୍ୟରେ ଲାଭ ହେବ ବୋଲି ଆଶା ରଖିଛି। ଭଲ ଫଳ ହେଲେ ହେକ୍ଟର ପିଛା ୨ରୁ ୩ଲକ୍ଷ ଟଙ୍କା ଲାଭ ମିଳିବ ବୋଲି ଅନୁମାନ କରୁଛି। ଓଡ଼ିଶାର ଏହି ଅଞ୍ଚଳ ବ୍ୟତୀତ ପାମ୍ ଚାଷ ବେତନଟୀ, ମାଲକାନଗିରି, ନୂଆପଡ଼ା ଆଦି ଅଞ୍ଚଳରେ ଚାଷୀମାନେ ଆରମ୍ଭ କରିଛନ୍ତି।

**ଚାଷୀଙ୍କ ମନରେ ଆଗ୍ରହ ବଢାଉଛି ପାମ୍** – ଓଡ଼ିଶାରେ ଅନ୍ୟ କେତେକ ଚାଷରୁ ଆଶାନୁରୂପ ଲାଭ ମିଳୁ ନ ଥିବାରୁ ନୂଆ ପିଢ଼ି ଚାଷ କାର୍ଯ୍ୟକୁ ଆଗ୍ରହ ଦେଖାଉନାହାନ୍ତି ବରଂ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି । ଫଳରେ ଚିନ୍ତାର କାରଣ ହେଉଛି। ପରିସଂଖ୍ୟାନ ହିସାବରେ ଓଡ଼ିଶାରେ ଚାଷୀଙ୍କ କମ ଆୟ ମାସିକ ୫୧୧୨ ଥିବାବେଳେ ହିମାଚଳ ପ୍ରଦେଶରେ ମାସିକ ଆୟ ୨୯୩୪୮ଟଙ୍କା ହୋଇପାରୁଛି ।





ପ୍ରାୟ ସାଢେ ୪କୋଟି ଜନସଂଖ୍ୟାବିଶିଷ୍ଟ ଆମ ରାଜ୍ୟରେ ବହୁତ ବଡ଼ ଖାଉଟି ବଜାର ଉପଲବ୍ଧ ହୋଇପାରି ନାହିଁ । ସେହିପରି ଦେଶର ବାର୍ଷିକ ବୃଷ୍ଟିପାତ ୧୨୦୦ମିମି ହେଉଥିବା ବେଳେ ଆମର ୧୫୦୦ମିମି। ତେଣୁ ଚାଷୀ ଭାଇ ତଥା ଯୁବପିଢ଼ି ଅର୍ଥନୈତିକ ଫସଲ ଉପରେ ଗୁରୁତ୍ୱ ଦେବା ସହିତ ପାମ୍ ଚାଷ ଉପରେ ଧ୍ୟାନ ଦେଲେ ଆୟ ବୃଦ୍ଧିରେ ସହାୟକ ହେବ। ପାମ୍ ଚାଷର ଜ୍ଞାନକୌଶଳ ସହିତ ପ୍ରୋତ୍ସାହନ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ଖାଦ୍ୟ ତେଲ ମିଶନ ଗଠନ କରିଛନ୍ତି । ବର୍ତ୍ତମାନ ଆମ ରାଜ୍ୟରେ ୧୦୦୦୦ ହେକ୍ଟରରୁ ଅଧିକ ଜମିରେ ଏହି ଚାଷ କରାଯାଇ ସାରିଲାଣି ।

**ପଦ୍ମପୁରରେ ପାମ୍ ଚାଷ**–ପଦ୍ମପୁର ଅଞ୍ଚଳର ଅନେକ ଚାଷୀଙ୍କୁ ପାମ୍ ଚାଷ ପ୍ରତି ଆକୃଷ୍ଟ କରିବା ସହିତ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଦିଆଯାଉଛି । ଏହି ଗଛ କମ୍ ପାଣିରେ ବଢିଥାଏ।  ବର୍ତ୍ତମାନ ଗୋଟିଏ ଗଛରୁ ୧୦କୁଇଣ୍ଟାଲ ପର୍ଯ୍ୟନ୍ତ ପାମ୍ ମଞ୍ଜି ଆଦାୟ ହେଉଛି । ଏହା ସହିତ ମିଶ୍ରିତ ଚାଷ ପାଇଁ ମଧ୍ୟ ଆର୍ଥିକ ସହାୟତା ଦିଆଯାଉଛି । ବର୍ତ୍ତମାନ ପଦ୍ମପୁର ଉପଖଣ୍ଡର ୨୨୦୦ହେକ୍ଟର ଜମିରେ ଏହି ଚାଷ ହେଉଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶିବାନୀ ଭୋଇ କୁହନ୍ତି, ‘ ମୁଁ ଏହି ଚାଷ ୨୦୧୬ରେ ଆରମ୍ଭ କରିଥିଲି। ମୋ ପଡିଆ ପଡିଥିବା ୯ ଏକର ଜମିରୁ ପ୍ରାୟ ୬ ଏକରରେ ପ୍ରାୟ ୩୦୦ପାମ୍ ଚାରା ଲଗାଇଥିଲି। ୨୦୨୧–୨୨ରୁ ଏହାର ଆଦାୟ ଆରମ୍ଭ ହେଲାଣି ଏବଂ ବିକ୍ରି ପାଇଁ ମଧ୍ୟ କୌଣସି ଅସୁବିଧା ହେଉନାହିଁ ।’ ଚାଷୀ ବୃନ୍ଦସୁନ୍ଦର ମେହେର କୁହନ୍ତି,‘୨୦୧୨–୧୩ରେ ଏହି ଚାଷ ଆରମ୍ଭ କରିଥିଲୁ। ତା’ପୂର୍ବରୁ ଧାନ, ବାଦାମ କରୁଥିଲୁ। ଶୁଣିବାକୁ ପାଇଲୁ ପାମ୍ ଏକ ଅର୍ଥକରୀ ଫସଲ। ଏଥିରେ ରୋଗ ପୋକ ମଧ୍ୟ ଲାଗେ ନାହିଁ ଏବଂ କମ୍ ପାଣି ଖର୍ଚ୍ଚ ହୁଏ । ସ୍ଥାନୀୟ ଉଦ୍ୟାନ ବିଭାଗ ଓ ଗୋଡେରେଜ କମ୍ପାନୀର ଅଧିକାରୀ ଆମକୁ ତାଲିମ ଦେବା ସହିତ ଆନୁଷଙ୍ଗିକ ସହାୟତା ଯୋଗାଇ ଦେଲେ। ଏହା ବର୍ଷକରେ ୩/୪ଥର ଆଦାୟ ହେଉଛି। ଏହା ଦ୍ୱାରା ୫ ପରିବାର ଉପକୃତ ହେଉଛନ୍ତି।

**ସରକାରୀ ସହାୟତା**–ସମସ୍ତ ପଞ୍ଜୀକୃତ ଚାଷୀଙ୍କୁ ଉନ୍ନତ ମାନର ପାମ୍ ଚାରା ମାଗଣାରେ ଯୋଗାଇ ଦିଆଯାଇଥାଏ। (ମୂଲ୍ୟ ହେକ୍ଟର ପ୍ରତି ୨୯୦୦୦ଟଙ୍କା) ରକ୍ଷଣାବେକ୍ଷଣ ନେଇ ପ୍ରଥମ ବର୍ଷରୁ ଚତୁର୍ଥ ବର୍ଷ ପର୍ଯ୍ୟନ୍ତ ପ୍ରତି ବର୍ଷ ୫୨୫୦ଟଙ୍କା ଓ ଅନ୍ତଃ ଫସଲ ନିମନ୍ତେ  ମଧ୍ୟ ୫୨୫୦ ଟଙ୍କା ଉଦ୍ୟାନ ବିଭାଗ ପକ୍ଷରୁ ଦିଆଯାଇଥାଏ । ସେହିପରି ଚାଷୀଙ୍କ ବୁନ୍ଦା ଜଳସେଚନ ପାଇଁ ଶତକଡା ୬୦ରୁ ୮୦ଭାଗ ରିହାତି ସେହିପରି ଫଳ ଅମଳ ଯନ୍ତ୍ରାଂଶ, ଜିଆଖତ, ଶିଢ଼ି, ଚାପ କଟର ପ୍ରଭୃତି ସମସ୍ତ ପ୍ରକାର ଜିନିଷର ଅନୁଦାନ ରହିଛି।

**ସହାୟକ ମୂଲ୍ୟ ଓ ବଜାର ସୁବିଧା**–ଏହାର ବଜାର ମୂଲ୍ୟ ବର୍ତ୍ତମାନ କେଜି ପ୍ରତି ଟ ୨୦.୫୦ ପଇସା ସରକାର ଧାର୍ଯ୍ୟ କରିଛନ୍ତି । ଏହା ବିକ୍ରି ପାଇଁ କୌଣସି ମଧ୍ୟସ୍ଥତାର ଆବଶ୍ୟକ ପଡି ନ ଥାଏ । ଅନେକ ତୈଳ କମ୍ପାନୀ ରାଜ୍ୟ ସହିତ ଚୁକ୍ତି କରି ଏହି ଚାଷୀଙ୍କଠାରୁ କିଣିବା ସହିତ ୧୫ରୁ ୩୦ ଦିନ ମଧ୍ୟରେ ଚାଷୀଙ୍କ ଖାତାରେ ପଇସା ଜମା ହୁଏ ।

## ଅଧିକ ରୋଜଗାରକ୍ଷମ ହେବେ କୃଷକ

‘ନ୍ୟାଶନାଲ ମିଶନ ଅନ ଏଡିବୁଲ ଓଏଲ ଏଣ୍ଡ ଓଏଲ ପାମ୍’ ଯୋଜନାରେ ଓଡିଶାରେ ପାମୋଲିନ ଚାଷ ବୃଦ୍ଧି କରିବା ପାଇଁ ୩୦ଟି ଜିଲ୍ଲା ପାଇଁ ୧୦ଟି କମ୍ପାନୀ ସରକାରଙ୍କ ସହିତ ଚୁକ୍ତି ସାକ୍ଷର କରିଛନ୍ତି। ଏଥିରେ ମୟୂରଭଞ୍ଜ ଜିଲ୍ଲା ପାଇଁ ପତଞ୍ଜଳି ଫୁଡ୍ସ ଲିମିଟେଡ୍ ଚୁକ୍ତି କରିଥିବା ବେଳେ ଜିଲ୍ଲା ଉଦ୍ୟାନ କାର୍ଯ୍ୟାଳୟ ଓ ପତଞ୍ଜଳି ଫୁଡ୍ସ ଲିମିଟେଡ୍‌ର ମିଳିତ ଉଦ୍ୟମରେ ୨୦୨୪–୨୫ମସିହାରେ ବେତନଟୀ ବ୍ଲକ ଅଧୀନ ନହଣ୍ଡାଶୋଳ ପଞ୍ଚାୟତର ଧନପୁର ଠାରେ ୧୬୦୦ହେକ୍ଟର ଚାଷ କରାଯିବା ପାଇଁ ନର୍ସରୀରେ ଚାରା ପ୍ରସ୍ତୁତି ହୋଇଛି। ୨୦୦୭ ମସିହାରୁ ଏହି ଚାଷ ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ସେଥିରୁ ଉତ୍ପାଦନ ହେଉଥିବା ପାମୋଲିନ ଫଳକୁ ମୟୂରଭଞ୍ଜରୁ ଆନ୍ଧ୍ରପ୍ରଦେଶକୁ ପଠା ଯାଉଛି। ଜିଲ୍ଲାର ବେତନଟୀ ବ୍ଲକ ଆମ୍ବଗଡ଼ିଆର ବଳରାମ ଦାସ ଆମ୍ବଗାଡ଼ିଆ ଝିଙ୍କରିଆ ଠାରେ ପାମୋଲିନ ଫଳ ଅମଳ କରି ବିକ୍ରି କରିଥିବା ବେଳେ ବଡ଼ସାହି ବ୍ଲକ ଗେଣ୍ଡାଗଡିଆରେ ପ୍ରଣବ ବେହେରା, ଗେଣ୍ଡାଗଡିଆ ଓ ଉଦଳାଠାରେ ଦୁଇଟି ସ୍ଥାନରେ ୮୦ଏକର ରୁ ଉର୍ଦ୍ଧ ସ୍ଥାନରେ ପାମୋଲିନ ଫଳ ଉତ୍ପାଦନ କରିଛନ୍ତି। ସେହିପରି ଖୁଣ୍ଟା ବ୍ଲକର ହରିଶୋଳ, ଚିତ୍ର ହଳଦୀପାଳ ପ୍ରମୁଖ ସ୍ଥାନମାନଙ୍କରେ ପ୍ରାୟ ୨୦୦ହେକ୍ଟରରୁ ଅଧିକ ଜମିରେ ପାମୋଲିନ ଫଳ ଉତ୍ପାଦନ କରାଯାଉଛି। ଏହି ଫଳ ଚାଷୀଙ୍କ ପାଖରୁ ଆମଦାନୀ କରିବା ପାଇଁ କମ୍ପାନୀ ପକ୍ଷରୁ ମୟୂରଭଞ୍ଜର  ମାଣଡ୍ରୀ, ଖୁଣ୍ଟା ଓ ରାସଗୋବିନ୍ଦପୁର ଠାରେ ଚାଷୀମାନଙ୍କ ଠାରୁ ପାମୋଲିନ ଫଳ କ୍ରୟ କରାଯାଉଛି। ଚାଷୀମାନେ ଛୋଟ ପିକଅପ ଗାଡ଼ିରେ ଅମଳ ଫଳ ନେଇଆସୁଥିବା ବେଳେ କମ୍ପାନୀ ବଡ ଟ୍ରକରେ ବୋଝେଇ କରି ଏହି ସ୍ଥାନରୁ ଆନ୍ଧ୍ରପ୍ରଦେଶର କାକିନାଡ଼ା ଅଞ୍ଚଳକୁ ଫଳରୁ ତେଲ ପେଡିବା ପାଇଁ ପଠା ଯାଉଛି। ସୂଚନା ଅନୁସାରେ ମାସରେ ତିନିରୁ ଚାରିଥର କମ୍ପାନୀ ଚାଷୀଙ୍କ ପକ୍ଷରୁ ଅମଳ ଫଳ କିଣୁଛନ୍ତି। ଏହି ଫଳର ଦାମ ସରକାର ଧାର୍ଯ୍ୟ ପ୍ରତିମାସ କରୁଥିବା ବେଳେ ଚାଷୀ ଫଳ ବିକ୍ରୟ ପରେ ସେହି ଠାରେ ତାଙ୍କୁ ରସିଦ ପ୍ରଦାନ କରାଯାଇ ଟଙ୍କା ପାଇବାର ବ୍ୟବସ୍ଥା କରାଯାଇଛି। ଏକ ହେକ୍ଟର ଜମିରେ ୧୪୩ ଟି ଗଛ ଲାଗିପାରୁଥିବା ବେଳେ ସେହି ଜମିରୁ ବର୍ଷକୁ ୨୫ରୁ ୩୦ଟନ ପାମୋଲିନ ଫଳ ଉତ୍ପାଦନ ହେଉଛି। ଏହାର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୦୦ ଟଙ୍କା ଥିବା ବେଳେ ୫ଲକ୍ଷରୁ ଉର୍ଦ୍ଧ ଟଙ୍କା ବିକ୍ରୟ ପରେ ପଇସା ଆସୁଥିବାର ଜଣାପଡିଛି। ଏକ ହେକ୍ଟର ଚାଷ କରିବାକୁ ୧ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାର ଜଣାପଡିଛି। ଗୋଟିଏ ଗଛରେ ଗୋଟିଏ କାନ୍ଧିରେ ୩୦କେଜି ଓଜନ ପର୍ଯ୍ୟନ୍ତ ଓଜନ ରହୁଥିବା ବେଳେ ୧୮ରୁ ୨୦ଟି କାନ୍ଧି ବର୍ଷରେ ପଡୁଥିବାର ଜଣାପଡୁଛି। ବାଦାମ, ସୋରିଷ, ସୂର୍ଯ୍ୟମୁଖୀ ଠାରୁ ହେକ୍ଟର ପିଛା ଅଧିକ ଅମଳ ଥିବାରୁ ଚାଷୀର ରୋଜଗାର ବହୁ ଗୁଣିତ ହୋଇପାରିବ। ଗେଣ୍ଡାଗଡ଼ିଆରଚାଷୀ ପ୍ରଣବ ବେହେରା କହିଛନ୍ତି ମୁଁ ଜଣେ ମେକାନିକାଲ ଇଞ୍ଜିନିୟର ମୋର ବୟସ ୬୪ବର୍ଷ ହେଲାଣି ଏବେ ପୁଅ ପାମୋଲିନ ଚାଷ କଥା ବୁଝୁଛନ୍ତି ଦୁଇଟି ସ୍ଥାନରେ ପ୍ରାୟ ୧୦୦ଏକର ଜମିରେ ଚାଷ କରି ଉତ୍ପାଦନ କରୁଛି, ଏଥିପାଇଁ ସରକାର ଅଧିକ ସବସିଡି ଦେବା ସହ କ୍ଷୁଦ୍ର ଚାଷୀ ସୃଷ୍ଟି କରିପାରିଲେ ଓ ବିଦ୍ୟୁତ ସେବା ଯୋଗାଇ ଦେଲେ ଚାଷୀମାନେ ଅଧିକ ଉପକୃତ ହୋଇପାରିବେ ବୋଲି କହିଛନ୍ତି।

ଏହି ଚାଷରେ ଅଧିକ ଲାଭ ହେଉଥିବା ଯୋଗୁ ଅନେକ ଚାଷୀ ଏବେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି।

**– ନୀଳାଦ୍ରି ବିହାରୀ ଦଣ୍ଡପାଟ, ପ୍ରଦୀପ୍ତ ଦାଶ, ଉତ୍କଳବନ୍ଧୁ ପଣ୍ଡା, ଧରଣୀଧର ମହାନ୍ତି**





# ସିନ୍ଦୂର ଫରୁଆ





**ସଧବା ନାରୀର ଶୃଙ୍ଗାର ସିନ୍ଦୂର ବିନା ଅସମ୍ପୂର୍ଣ୍ଣ । ନାରୀ ସୀମନ୍ତରେ ଲାଗିଥିବା ଏହି ସିନ୍ଦୂର ତା'ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବା ସଙ୍ଗେ ସଙ୍ଗେ ସ୍ୱାମୀଙ୍କର ଆୟୁଷ ବୃଦ୍ଧି କରେ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ସଧବା ନାରୀଟିଏ ମଥାରେ ସିନ୍ଦୂର ପିନ୍ଧିଲାବେଳେ ସ୍ୱାମୀଙ୍କ ମଙ୍ଗଳ କାମନା କରିଥାଏ। ସିନ୍ଦୂର ନାରୀ ପାଇଁ ଯେତିକି ମୂଲ୍ୟବାନ୍ ହୋଇଥାଏ ସିନ୍ଦୂର ରଖାଯାଉଥିବା ଫରୁଆ ବି ସେତିକି ପ୍ରିୟ ହୋଇଥାଏ ; ଯାହାକୁ ଲକ୍ଷ୍ୟକରି ଏବେ କେତେ ସୁନ୍ଦର ସୁନ୍ଦର ଡିଜାଇନ୍‌ର ସିନ୍ଦୂର ଫରୁଆ ମିଳିଲାଣି। ଜାଣନ୍ତୁ ସେମିତି କିଛି ସୁନ୍ଦର ସିନ୍ଦୂର ଫରୁଆ ସମ୍ପର୍କରେ...**



✻ **ସୁନାର ସିନ୍ଦୂର ଫରୁଆ:** ସୁନାରେ ତିଆରି ସିନ୍ଦୂର ଫରୁଆ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ସେମିତି ମୂଲ୍ୟବାନ୍ ବି ହୋଇଥାଏ । ଏହା ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ ହେଉଥିଲେ ବି ମୟୂର ଡିଜାଇନ୍‌ର ସିନ୍ଦୂର ଫରୁଆ ବେଶ୍ ଆକର୍ଷଣୀୟ ଲାଗିଥାଏ । କେବଳ ମୟୂର ଡିଜାଇନ୍ କାହିଁକି ହାତୀ ଡିଜାଇନ୍, ଟେମ୍ପଲ୍ ଡିଜାଇନ୍ ତଥା ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଡିଜାଇନ୍‌ର ସୁନାର ସିନ୍ଦୂର ଫରୁଆ ବି ଦେଖିବାକୁ ଖୁବ୍ ସୁନ୍ଦର ଲାଗେ । ଏହିସବୁ ଫରୁଆରେ ସିନ୍ଦୂର ରଖି ମଥାରେ ଲଗାଇଲେ ସ୍ୱାମୀଙ୍କର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

✻ **ରୁପାର ସିନ୍ଦୂର ଫରୁଆ:** ସୁନା ପରି ରୁପାର ସିନ୍ଦୂର ଫରୁଆରେ ସିନ୍ଦୂର ରଖିବା ବି ଶୁଭଦାୟକ ହୋଇଥାଏ । ରୁପାର ବି ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଫରୁଆ ମିଳେ । କିଛି ସିନ୍ଦୂର ଫରୁଆରେ ବିଭିନ୍ନ ପ୍ରକାରର ପଶୁପକ୍ଷୀଙ୍କ ଚିତ୍ର ରହିଥିବାବେଳେ କିଛି ଫରୁଆରେ କଲର୍‌ଫୁଲ୍ ଷ୍ଟୋନ ଲାଗି ଏହାକୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ତେବେ ସୁନା ତୁଳନାରେ ରୁପା ସିନ୍ଦୂର ଫରୁଆର ମୂଲ୍ୟ କମ୍ ରହୁଥିବା ଯୋଗୁ ଏହାକୁ ଚାହିଁଲେ ବିଭିନ୍ନ ଅକେଜନ୍‌ରେ କାହାକୁ ଗିଫ୍ଟ କରିପାରିବେ ।

✻ **ଷ୍ଟୋନ୍ ଓ ଗୋଟା ପଟ୍ଟି ୱାର୍କବାଲା ସିନ୍ଦୂର ଫରୁଆ:** ଏହି ସିନ୍ଦୂର ଫରୁଆ ବି ଦେଖିବାକୁ ଖୁବ୍ ଟ୍ରେଣ୍ଡି ଲାଗେ । ଏଥିରେ କରାଯାଇଥିବା ଗୋଟା ପଟ୍ଟି ୱାର୍କ ଏବଂ ଲାଗିଥିବା ଷ୍ଟୋନ ହିଁ ଏହାକୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ବାହାଘରମାନଙ୍କରେ ଗିଫ୍ଟ ଦେବା ପାଇଁ ଏହା ଏକ ବେଷ୍ଟ ଅପ୍ସନ ହୋଇପାରେ ।

✻ **ପର୍ଲ ଖଚିତ ସିନ୍ଦୂର ଫରୁଆ:** ପର୍ଲ ତ ଦେଖିବାକୁ ଖୁବ୍ ସୁନ୍ଦର ଲାଗେ । ଆଉ ଯଦି ପର୍ଲ ଖଚିତ ସିନ୍ଦୂର ଫରୁଆର କଥା ଉଠେ, ତା'ହେଲେ ତ ଏହାର ଆକର୍ଷଣ ଆହୁରି ବଢିଯାଏ । ନବବିବାହିତା ବୋହୂକୁ ଗିଫ୍ଟ ଦେବା ପାଇଁ ଏହା ବି ଏକ ଭଲ ବିକଳ୍ପ ହୋଇପାରେ ।




✻ **କାଠର ସିନ୍ଦୂର ଫରୁଆ:** ପଲିଷ୍ଟ କାଠରେ ବି ବେଶ୍ ଆକର୍ଷଣୀୟ ଡିଜାଇନ୍‌ର ସିନ୍ଦୂର ଫରୁଆ ମିଳିଥାଏ । ବିଭିନ୍ନ ରଙ୍ଗରେ ଚିତ୍ରିତ ହୋଇଥିବା ତଥା ମାଳି, ଷ୍ଟୋନ ଆଦି ଲାଗିଥିବା ଏହି ସିନ୍ଦୂର ଫରୁଆରେ ସିନ୍ଦୂର ରଖିବା ପାଇଁ ଭଲ ସୁବିଧା ବି କରାଯାଇଥାଏ । ଏବେ ବି କିଛି ସ୍ଥାନରେ ବାହାଘର ବେଳେ କାଠରେ ତିଆରି ସିନ୍ଦୂର ଫରୁଆ ବ୍ୟବହାର କରିବାର ନିୟମ ପ୍ରଚଳିତ ହେଉଛି ।

✻ **ମାର୍ବଲରେ ତିଆରି ସିନ୍ଦୂର ଫରୁଆ:** ଧଳା ମାର୍ବଲରେ ତିଆରି ସିନ୍ଦୂର ଫରୁଆ ବି ଦେଖିବାକୁ ବେଶ୍ ସୁନ୍ଦର ଲାଗିଥାଏ । ଧଳା ରଙ୍ଗର ଏହି ସିନ୍ଦୂର ଫରୁଆରେ ନାଲି ସିନ୍ଦୂର ରଖି ଦେଖିଲେ ଆଖିକୁ ଯେତିକି ସୁନ୍ଦର ଦେଖାଯାଏ, ମନକୁ ସେତିକି ଶାନ୍ତି ବି ମିଳିଥାଏ । ବିଶ୍ୱାସ ରହିଛି ଯେ, ମାର୍ବଲ ସିନ୍ଦୂର ଫରୁଆରେ ସିନ୍ଦୂର ରଖି ପିନ୍ଧିଲେ ପତିପତ୍ନୀଙ୍କ ସମ୍ପର୍କରେ ଦୃଢ଼ତା ଆସିଥାଏ ।

କେବଳ ଏତିକି ନୁହେଁ, ଆହୁରି ବି ଅନେକ ଭେରାଇଟିର ସିନ୍ଦୂର ଫରୁଆ ବି ମିଳେ ; ଯାହାକୁ ନିଜ ପସନ୍ଦ ଅନୁଯାୟୀ ନାରୀମାନେ ଚାହିଁଲେ କିଣିପାରିବେ ଆଉ ସେଥିରେ ସିନ୍ଦୂର ଭରି ରଖିପାରିବେ ।









# ବାପା ମୋ କାବ୍ୟ ଜୀବନର ପ୍ରଥମ ଗୁରୁ

**ମୋ ଗାଁର ଦୃଶ୍ୟରାଜି ମୋତେ ମନ୍ତ୍ରମୁଗ୍ଧ କରୁଥିଲା ; ଯାହାକୁ କି ମୁଁ କାଗଜରେ ଲେଖି ଦେଉଥିଲି। ସେ ସବୁକୁ ପଢ଼ି ବାପା ମୋତେ ଉତ୍ସାହିତ କରୁଥିଲେ। କହିବାକୁ ଗଲେ, ବାପା ହିଁ ଥିଲେ ମୋ କାବ୍ୟ ଜୀବନର ପ୍ରଥମ ଗୁରୁ...**






**ପି**ଲାଦିନେ ସାଙ୍ଗମାନଙ୍କ ସହିତ ମିଶି ଗାଁ ନାଟକରେ ଅଭିନୟ କରୁଥିଲେ। ଅଭିନୟର ଅନୁଭୂତି ସାଉଁଟିବା ଭିତରେ କବିତା ଓ ଗଳ୍ପ ଲେଖାଲେଖି ବି ଜାରି ରଖିଥିଲେ। ଜଣେ ସୃଜନଶୀଳ ମଣିଷ ଭାବରେ ନିଜ ଅଞ୍ଚଳରେ ବେଶ୍ ପରିଚିତ ଏହି ବ୍ୟକ୍ତିତ୍ୱ ଏକାଧାରାରେ ଜଣେ କବି, ଗାଳ୍ପିକ, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ। ଦୀର୍ଘ ୪ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଲେଖନି ଚାଳନା କରି ସେ ସୃଷ୍ଟି କରିଛନ୍ତି ଏକାଧିକ ଗଳ୍ପ, କବିତା ଓ ନାଟକ। ସେ ହେଲେ **ନିମାଇଁ ମିଶ୍ର**। ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ ପାଣ୍ଡୁରକୋଲି ଗାଁରେ। ମାତା ମନ୍ଦାକିନୀ ମିଶ୍ର ଓ ପିତା ନେତ୍ରାନନ୍ଦ ମିଶ୍ର। ପିତା ଥିଲେ ଜଣେ କବି ଓ ଆଧ୍ୟାତ୍ମିକ ଚିନ୍ତାଧାରାର ମଣିଷ। ସେ କୁହନ୍ତି, 'ମୋ ବାପା ଥିଲେ ଆମ ଅଞ୍ଚଳର ଜଣେ ଜଣାଶୁଣା କବି। ପିଲାଟି ଦିନୁ ତାଙ୍କଠାରୁ ଭଜନ, ଜଣାଣ ଓ ଶ୍ଳୋକ ଶୁଣୁଥିଲି। ତାଙ୍କ ଲେଖାକୁ ପଢ଼ିବା ପରେ ମୋ ଭିତର ବି ଲେଖିବାର ଏକ ସ୍ପୃହା ସୃଷ୍ଟି ହୋଇଥିଲା। ମୋ ଜାଣତରେ ହେଉ ଅବା ଅଜାଣତରେ ମୁଁ କିଛି କିଛି ଲେଖୁଥିଲି, ଆଉ ଯାହା ଲେଖୁଥିଲି ତାହା ପରେ କବିତା ପରି ଲାଗୁଥିଲା। ମୋ ଗାଁର ପ୍ରାକୃତିକ ଦୃଶ୍ୟରାଜି ଓ ଗାଁ ନିକଟରେ ବହିଯାଉଥିବା ଖରସ୍ରୋତା ନଈ ବି ମୋ ଲେଖିବାର ପ୍ରେରଣା ସାଜିଥିଲା। ମୋ ଗାଁର ଦୃଶ୍ୟରାଜି ଦେଖି ମୁଁ ମନ୍ତ୍ରମୁଗ୍ଧ ହୋଇ ଯାଉଥିଲି। ଯାହା ମୋ ମନକୁ ଛୁଉଁଥିଲା ସେ ସବୁକୁ ମୁଁ କାଗଜରେ ଲେଖି ଦେଉଥିଲି। ସେ ସବୁକୁ ପଢ଼ି ବାପା ମୋତେ ଉତ୍ସାହିତ କରୁଥିଲେ ; ଯାହାଦ୍ୱାରା ମୋର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଯାଇଥିଲା। କହିବାକୁ ଗଲେ, ବାପାଙ୍କର ପ୍ରଭାବ ମୋ ଉପରେ ପଡ଼ିଥିଲା। ସେ ହିଁ ଥିଲେ ମୋ କାବ୍ୟ ଜୀବନର ପ୍ରଥମ ଗୁରୁ। ତାଙ୍କର କଳାପ୍ରେମ ମୋତେ ସବୁବେଳେ ପ୍ରେରଣା ଦେଇଆସିଛି। ଏହାଛଡ଼ା ପିଲାଟି ଦିନରୁ କାହ୍ନୁ ଚରଣ ମହାନ୍ତି, ଗୋପିନାଥ ମହାନ୍ତି, ଫକୀର ମୋହନ ସେନାପତିଙ୍କ ଗଳ୍ପ ଗୁଡିକ ପଢିଥିବାରୁ ତାହା ବି ମୋତେ ଅନୁପ୍ରାଣିତ କରିଥିଲା ଲେଖାଲେଖି ଦିଗରେ। ସ୍କୁଲ ଡ୍ରାମାରେ ଭଲ ଅଭିନୟ କରୁଥିବାରୁ ଶିକ୍ଷୟିତ୍ରୀଶିକ୍ଷକମାନେ ମୋତେ ବହୁତ ପ୍ରଶଂସା କରୁଥିଲେ। ପାଣ୍ଡୁରକୋଲି ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ କନିକା ଆୟତନ ହାଇସ୍କୁଲରୁ ମାଟ୍ରିକ ପାସ୍ କରି କାମକ୍ଷା ନଗର କଲେଜରେ ପଢୁଥିଲି। ହେଲେ ଆଉ ଅଧିକ ପଢିପାରି ନ ଥିଲି। କାରଣ ୧୯୭୧ ମସିହାରେ ହୋଇଥିବା ବାତ୍ୟା ଯୋଗୁ କନିକା-କୁଜଙ୍ଗ ରାଜନଗରବାସୀଙ୍କର ଶୁଭୁଥିଲା ହା-ଅନ୍ନ ହା-ଅନ୍ନ ଚିତ୍କାର। ଏ ସମୟରେ ଆମ ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ କିଛି କାମଧନ୍ଦା ଅନ୍ୱେଷଣରେ ନିଜର ଭିଟାମାଟି ଛାଡି ଅନ୍ୟ ଜିଲାକୁ କର୍ମ ଅନୁସନ୍ଧାନରେ ଯାଇଥିଲି। ସବୁ ଭିତରେ ବି ଲେଖାଲେଖିର ମୋର ଜାରି ରହିଥାଏ। ଯୋଗକୁ ୧୯୭୩ ମସିହା ମାର୍ଚ୍ଚରେ ଜଣେ କ୍ଷେତ୍ର କର୍ମଚାରୀ ଭାବେ ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅବସ୍ଥାପିତ ହେଲି। ଦକ୍ଷତା ସହକାରେ କର୍ମ ସମ୍ପାଦନ କରି ପାହାଚ ଉପରେ ପାହାଚ ଅତିକ୍ରମ କରି ସମସ୍ତଙ୍କର ପ୍ରିୟଭାଜନ ହୋଇ ୨୦୧୨ ଜୁଲାଇ ମାସରେ କର୍ମରୁ ଅବସର ନେଲି। କିନ୍ତୁ ମୋର ଲେଖାଲେଖିର ଧାରା ସେମିତି ଜାରି ରହିଥାଏ। ମୁଁ ରଚନା କରିଥିବା ପୁସ୍ତକ ମଧ୍ୟରେ 'ହାହାକାର', 'ପ୍ରତୀକ୍ଷା', 'ତୀତୀକ୍ଷା', 'ସ୍ରୋତସ୍ୱିନୀ', 'ବତାସୀ', 'ଅଂଶୁମାଳା ପ୍ରଥମ ଅର୍ଘ୍ୟ', 'ଅଂଶୁମାଳା ଦ୍ୱିତୀୟ ଅର୍ଘ୍ୟ', 'ନାଦବ୍ରହ୍ମ' ଆଦି ଅନ୍ତର୍ଭୁକ୍ତ। ସେସବୁ ପାଠିକାପାଠକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି ; ଯାହା ମୋ ପାଇଁ ଗୋଟେ ଖୁସିର କଥା। ମୋ ରଚନାରେ ସର୍ବଦା ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରିବାର ଭାବ ସୃଷ୍ଟି କରିଥାଏ। ଅନ୍ୟପକ୍ଷେ ସମାଜରେ ଅବହେଳିତ ଓ ନିଷ୍ପେଷିତ ନାରୀର ସ୍ୱରକୁ ଗଳ୍ପ ଓ କବିତା ଜରିଆରେ ଉପସ୍ଥାପନ କରିଥାଏ। ମୋ ଦ୍ୱାରା ଏଯାଏଁ ଲିଖିତ କବିତା ଓ ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ମୋର ପ୍ରଥମ କବିତା 'ଆଉଥରେ ଆସ' ଏକ ଖବର କାଗଜରେ ପ୍ରକାଶିତ ହୋଇଥିଲା। ଆଉ ଅଜିଯାଏଁ ବି ମୁଁ କବିତା ମୋହରୁ ମୁକୁଳି ପାରିନି। ଏହା ପାଇଁ ମୁଁ ପୂର୍ଣ୍ଣ ପ୍ରାଣରେ ସମର୍ପିତ। କବିତା ଓ ଗପ ବାଦ୍ ମୁଁ ନାଟକ ବି ଲେଖିବା ପାଇଁ ମନ ବଳାଇଥିଲି। କାରଣ ମୁଁ ବହୁ ଆଗରୁ ଅଭିନୟ କରୁଥିଲି ଆଉ ମୋ ଅଭିନୟ କରିଥିବା ବେଳର କିଛି କିଛି ଅନୁଭୂତି ମୋତେ ଏହି ଦିଗରେ ପ୍ରେରଣା ଦେଇଥିଲା। ଯାହା ଫଳରେ ମୁଁ କେତେକ ନାଟକ ରଚନା କରିଥିଲି। ଯାହା ମଧ୍ୟରେ 'ମଣିମାଣିକ', 'ତୁଳସୀ ଦୁଇପତ୍ରରୁ ବାସେ', 'ସନ୍ଧ୍ୟାତାରା', 'ଡାହାଣା କୁକୁର', 'ତିନିତୁଣ୍ଡରରେ ଛେଳି କୁକୁର', 'ଶ୍ରବଣ କୁମାର' ଆଦି ଅନ୍ତର୍ଭୁକ୍ତ। ନାଟକ ଲେଖିବା ଯୋଗୁ କେତେକ ଅନୁଷ୍ଠାନ ତରଫରୁ ମଞ୍ଚ ନାଟକ ନିର୍ଦ୍ଦେଶନା ଦେବା ପାଇଁ ସୁଯୋଗ ବି ମିଳିଥିଲା। ଯେଉଁଥିପାଇଁ ଅରିଶେଲ ବେଷ୍ଟପୁର, ବନ୍ଦା ଗାଁ, ଅନୁଗୋଳ, ସାଇଁପୁର, କଦମ୍ବପୁର, ମହୀଧରପୁର, ଗବାଶୀଳା ଆଦି ଏକାଧିକ ଅଞ୍ଚଳରେ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲି। ନାଟକ କହିଲେ, ବିଭିନ୍ନ ଘଟଣାକୁ ନେଇ ଲୋକମାନଙ୍କ ମନରେ ଆନ୍ଦୋଳିତ ହେଉଥିବା କିଛି ଚରିତ୍ରମାନଙ୍କ ସ୍ୱର। ବାପଙ୍କ ବ୍ୟତିତ ମୋ ସହଧର୍ମିଣୀ ଶ୍ରୀମତୀ ଶ୍ୟାମାମଣି ମିଶ୍ରଙ୍କର ବି ମୋର ଲେଖାଲେଖି ପ୍ରତି ଖୁବ୍ ଆନ୍ତରିକତା ରହିଛି। ଏବେ ଦୁଇ ପୁଅ, ଦୁଇ ବୋହୂ, ଝିଅ, ଜାମାତା, ନାତି ନାତୁଣୀଙ୍କ ସହିତ ସମୟ କଟୁଛି।'

ତାଙ୍କ ସୃଜନ ଶୀଳତା ପାଇଁ ତାଙ୍କୁ ଢେଙ୍କାନାଳ ଜିଲା ଲେଖକ ସଂସଦ, ବନକୁସୁମ ଶିଶୁପ୍ରତିଭା ପ୍ରତିଷ୍ଠାନ ବ୍ରହ୍ମପୁର, ବାଣୀପୀଠ ମହୋତ୍ସବ ପ୍ରତିଭା ସମ୍ମାନ, କେନ୍ଦୁଝର ଜିଲାସ୍ତରୀୟ ଶିଶୁସାହିତ୍ୟ ସଂସଦ ଆଦି ଏକାଧିକ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ମାନିତ କରାଯାଇଛି। ସେ କୁହନ୍ତି, 'ଈଶ୍ୱରଙ୍କ କୃପାରୁ ମୋର ସାଧନା ଚାଲିଛି। ମୋ ମତରେ, ଯେ କୌଣସି କାର୍ଯ୍ୟରେ ଉତ୍ସାହ, ଉଦ୍ଦୀପନା ଓ କଠିନ ଅଧ୍ୟବସାୟ ହିଁ ଜୀବନକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରେ।

**- ବନବିହାରୀ**





# ସମୟର ଫୁଲ

– ଡକ୍ଟର କମଳା କୃଷ୍ଣ ତ୍ରିପାଠୀ

ସୁବାସିତ ହୋଇ ଫୁଟି ଆସିଛି
ସମୟର ଫୁଲ।
ଏଥର ପଛକୁ ପଛ ହେଇ
ଧାଇଁ ଆସିବେ ପ୍ରଜାପତି ପ୍ରେମିକ ପୂଜାରୁଣୀ।
ଅରମା ଅନ୍ଧାରର ଛାତି ଚିରି
ତିଆରି ହେବ ଆକାଶ ଯାଏ ବାଟ,
ଭଅଁରର ଗୀତ ଶୁଣି ଶୁଣି।
ମାଟି ତଳେ ବତୁରି
ଖତ ପାଲଟି ଗଲାଣି
ରକ୍ତ ମାଂସ ହାଡ଼ ମେଦ ।
ନୂଆ ଡାଳ ଖୋଜୁଛି ସମୟ
ଛୁଇଁ ପକେଇବାକୁ ଆକାଶର ନିଳିମା ।
ନିଇତି ମାଳୀ ଆସି ପାଣି ଢାଳେ
ଗଣି ପକାଏ ଫୁଲ ଫଳର ସଂଖ୍ୟା
ଆଖିରେ ମାପି ପକାଏ
କେତେ ନିକଟତର ହେଲା ମେଘ
ଆଉ କେତେ ସମୟର ଏରୁଣ୍ଡି ଡେଇଁଲେ
ଛୁଇଁ ହେବ ଇନ୍ଦ୍ରଧନୁ ।
ଧିରେ ଧିରେ
ପାଖୁଡ଼ା ଝଡେ।
ଫଳ ହାଟ ମୁହାଁ ହୁଏ।
ପାଚଲ ପତ୍ର ମାଟି ଛୁଏଁ।
ଅଥଚ ଗଛର ସବା ଉଚ୍ଚରେ ଥିବା ଅଗିଠୁ
ସାମାନ୍ୟ ଉଚ୍ଚତାରେ ଉଡୁଥିବା ପତଙ୍ଗକୁ ବି
ଗଛ ଛୁଇଁ ପାରେନା।
ଆଉ ଟିକିଏ ଉପରେ ଉଡୁଥିବା ଗୁଡିକୁ ବି
ମନ କଥା  କହିପାରେନା !
ଗଛ ତ ପୋତା ହୋଇଥାଏ
ଇତିହାସର ଭୁଗୋଳ ପିଠିରେ।
ସମୟ ଚାଲି ଚାଲି ପାଦ ଥାପି ଯାଉଥାଏ
ଅମଡ଼ା ବାଟରେ।
ଛତି ମୁଣ୍ଡାଇ ହାତୀର ଉପରେ
ଫୁଲ ତଥାପି ଫୁଟୁଥାଏ ।
ନୀଳ ଚାଦର ଉପରେ
ଖଞ୍ଜା ହୋଇ ରହିବାର
ଇଚ୍ଛା କି ସ୍ୱପ୍ନ କି ଦୁଃଖ ସହ
ମାଆ କୋଡରେ ନିଦେଇ ଯାଉଥାଏ।

*–ସର୍ଜନାଳୟ, ଦକ୍ଷିଣ ଲିଙ୍କ୍ ରୋଡ଼,ଜୟପୁର, କୋରାପୁଟ*
*ମୋବାଇଲ୍: ୯୯୩୭୦୧୪୮୬୩*

# ଟ୍ରାଫିକ

– ଲୋପାମୁଦ୍ରା ପରିଡ଼ା

ଗାଡି ଯେ ଗାଡି । ଏତେ ଲୋକ କାହିଁକି କୁଆଡେ ଏକା ସାଙ୍ଗରେ ବାହାରି ଆସନ୍ତି ଯେ ରାସ୍ତାକୁ ! ଦେଢ଼ ଘଣ୍ଟା ହେଲାଣି। ଚାଲିକି ଯାଇଥିଲେ ବି ପାଖାପାଖି ହଅନ୍ତାଣି ବସାକୁ ତାର । ନିତି ଦିନିଆ ଦଣ୍ଡ ଯେମିତି। ଏଇ ରମ୍ପସ୍ ପରି ଡବାଟି ଭିତରେ .... ଉଫ୍ ମଣିଷ ଖାଲି କାଉଳ ବାଉଳ। ଯିବ ତ ଯିବ କୁଆଡେ ବି !

ସକାଳେ ଯୋଉ ଅବସ୍ଥା ସଞ୍ଜରେ ତଦ୍ରୁପ। ସକାଳେ ତ ଲାଗେ ହେ ପ୍ରଭୁ ମତେ ଏବେ ପାଇଁ କୀଟ ଆକାର କରିଦେ ଆଉ ଡେଣା ହଳେ ଯୋଡିଦେ। ପହଞ୍ଚିକି ଆଗେ ଅଫିସରେ ସେ ରାକ୍ଷସ ଯନ୍ତ୍ରଟିକୁ ଟିପ ଛୁଏଁଇଦିଏ। ଦିନ ଯାକର ଗୋଟେ ବଡ କାମ ସରିବ ।  ପଛରୁ ପଁ ପଁ ପଁ ତମ କାନ ପରଦା ଛେଦ କରିଦବ। ଭାଇ ସମ୍ଭାଳ। ତମେ ଯୋଉଠି ମୁଁ ସେଇଠି। ଘୁଞ୍ଚିବି ତ ଘୁଞ୍ଚିବି କୁଆଡେ ? ମୁଣ୍ଡ ଖାଇଯାଉଛନ୍ତି। ନଜର ପଡିଲା ପାଖରେ ବସି କ୍ୟୁବଏଡ୍ ଖଚାଖଚ୍ ଘୁରାଉଥିବା ଅଙ୍କିତା ଆଡକୁ । ଚାରିପଟର ହୋ ଘୋ ମିନିଟିକ ପାଇଁ ଲୁଣ ପାଣିରେ କୁଆଡେ ମିଳେଇଗଲେ। ମୋ ଝିଅ ମିନି, ଭଲ ନାଁ ଅଙ୍କିତା। ମୋ ଚାକିରିଆ ଜୀବନକୁ ତାର ଡେ’ କେଆର ମାଆକୁ ଅପେକ୍ଷା ଠେଲୁଥିବା ସମୟର ଭାଗମାପ । ମନଟା ମାଆଟିଏର ଦୋଷିପଣକୁ ମୁକୁଟ କରି ଟାଏଁ କି ପିନ୍ଧିଦେଲା ।

ବିରକ୍ତି ଲୁଚେଇ ହସିଦେଇ ପଚାରିଲି,“ ହେଇରେ ! କଣ ଚାଲିଛି ?

ଆଉ ଟାଇମ୍ ପାସ୍ ପାଇଁ ପୁଣି ପଚାରିଲି,“ କହିଲୁ ମଣିଷର ଯଦି ଡେଣା ହଳେ ଥାନ୍ତା କ’ଣ ହନ୍ତା ? ବଢିଆ ମଜା ହନ୍ତା ନା ! ଉଡାଜାହାଜ ଫୁଡାଜାହାଡ ଆଉ ତିଆରି ହେଇ ନ ଥାନ୍ତା। ନୁହେଁ ! ଆମେ ଆମର ଉଡିକି ଘରକୁ ପଳାନ୍ତେଣି। ଡେଲି ଏଇ ଛକରେ .....”

ମୋ କଥା ସାରିବାକୁ ନ ଦେଇ ସିଏ ତାର ଖେଳ ଭିତରେ ସେମିତି ବୁଡିରହି ତାର ଉତ୍ତର ରଖିଲା।

“ ମାମି ! ତମେ ବି ନା ! ଲ୍ୟାକ ଅଫ୍ କମନସେନ୍ସ । ପୂରା ଆକାଶରେ ବି ଉଡା ମଣିଷଙ୍କ ଟ୍ରାଫିକ ଭିଡ଼ ଲାଗନ୍ତାକି ନା । ଠେଲାଠେଲି । ମୁଁ ଆଗେ, ମୁଁ ଆଗେ ! ତେଣୁ ଯାହା ଅଛି ଠିକ୍ ଅଛି।"

ଆରେ ଏତିକି କଥା ମୋ ମନକୁ କାଇଁ ଆସୁ ନ ଥିଲା ତ ? ହେଁ !

ପିଲେ ଚନ୍ଦନ କାଠ ପରି। ଟୋପେ ପାଣି ଦେଇ ତାଙ୍କ ବୁଦ୍ଧି ଖାଲି ଟିକିଏ ଘସି ମାଜି ଦେଲେ, ମହକେଇ ଦେବେ। ଶିଖେଇଦେବ ସମୟର ମୂଲ୍ୟ, ଧୈର୍ଯ୍ୟ ।

*–ପାନାଥୁର, ବାଙ୍ଗାଲୋର*
*ମୋ: ୯୭୩୧୦୫୭୦୧୪*

# ଅକବିତା


-ସ୍ମୃତି ରଞ୍ଜନ ତ୍ରିପାଠୀ

ମୁଁ ଦେଖିପାରେ  ଆସନ୍ତା କାଲିର ଇତିହାସ
ତୁମେ ମୁଁ ର ଯୁଦ୍ଧରେ କ୍ରମଶଃ..ଲେଖା ହେଉଥିବା
ଗୋଟେ ଉପନ୍ୟାସ।
ଆଜି ନୁହଁ ବେଳ ହୁଁ ସହୁଛି ତା’ ଅଝଟପଣ
ଦେଖିଛ ! କଲମରେ କେମିତି ବିଦାରିଛି
ଶିଶୁରୁ କିଶୋର ରୂପାନ୍ତରଣ।
ମୁଁ ଦେଖେ ସେ ଝୁଣ୍ଟିଆ ପିନ୍ଧି ଝୁଣ୍ଟେ
ଗୋଟେ ଗୋଟେ ନିଆଁଖୁଣ୍ଟା
ରକ୍ତଛିଟାରେ ଚହଲିଯାଆନ୍ତି
ଚାରିପଟର ଦେବତା ଅସୁର
ସେ ନିଜେ ରଚେ ତା’ପାଇଁ ରୂପ, ଅଳଙ୍କାର
ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପ୍ରତ୍ୟୟରୁ ପ୍ରତ୍ୟାଖ୍ୟାନ
ମୋହରୁ ମୋକ୍ଷ ପାଇଁ
ମଶାଣୀକୁ ବୁହା ହୁଏ ଜୀବନ।
ନିରସ ଆଖି ଲୁହ ନିର୍ମାଲ୍ୟ ହୁଏ
ଠାଏଁ ଠାଏଁ ଅପବାଦର ସ୍ତୁପ୍ତପିଣ୍ଡ
ଆସୁରିକ ଉନ୍ମାଦରେ ମିଛି ମିଛିକା ଯୁଦ୍ଧର ସଂଳାପ
ଏ ଯାଏ ସନ୍ଦିହାନ ଈଶ୍ୱର।
ସେ ହାରେନି ହାରିନି
ଏବେ ପ୍ରସ୍ତୁତ ନିହାଣିବାକୁ ତା’ମୁନରେ
ପୁଣି ଚରିତ୍ରଟେ ହେବାକୁ  ଏଥର ଦେବତା ନୁହେଁ ମାନବ
କଳ୍ପନାର ସଞ୍ଜ ବୁଦ୍ବୁଦ୍ଦୁ ଫେରିଗଲେଣି ମାଲବାହୀ
ଯେ ଯା’ର ଘର।
ପରିବ୍ରାଜକଙ୍କ ମେଳ  ସଭିଏଁ ଖୋଜନ୍ତି ଈଶ୍ୱର
ଇତିହାସର ମୂକସାକ୍ଷୀ
ଧି’କାର କରେ ଚକ୍ରବ୍ୟୁହ ଅହଂକାର
ଅଭିମନ୍ୟୁର ସ୍ୱାକ୍ଷରରେ ବଖାଣେ ମାନବ ଧର୍ମ
ଆଉ ଯନ୍ତ୍ରଣାର ଜଉଘର।

*–ଜଟଣୀ, ଖୋର୍ଦ୍ଧା*
*ମୋ: ୯୪୩୮୩୧୫୩୮୧*

# ଯଦି ଧର୍ମେନ୍ଦ୍ର ରାଜି ହୋଇଥାଆନ୍ତେ...


ଧର୍ମେନ୍ଦ୍ର


'ଜଞ୍ଜିର' ଫିଲ୍ମରେ ଅମିତାଭ

ବଲିଉଡ୍‌ରେ ଯେଉଁ କେତେଜଣ ଅଭିନେତା ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ସେମାନଙ୍କ ମଧ୍ୟରେ ଅମିତାଭ ବଚ୍ଚନ ଏବଂ ଧର୍ମେନ୍ଦ୍ର ଅନ୍ୟତମ। ଏହି ଯୋଡ଼ିକୁ ନେଇ ନିର୍ମିତ 'ଶୋଲେ' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ସୋଲୋ ନାୟକ ଭାବରେ ଦୁଇ ଜଣ ଅନେକ ସିନେମାରେ ଅଭିନୟ କରି ନିଜ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି। ଅମିତାଭଙ୍କ ଅଭିନୟ କ୍ୟାରିୟରର ଅନ୍ୟତମ ସଫଳ ଫିଲ୍ମ ଭାବରେ 'ଜଞ୍ଜିର'କୁ ଗଣନା କରାଯାଏ। ଏହି ଚିତ୍ରଟି ତାଙ୍କୁ ବଲିଉଡ୍‌ରେ 'ଏଙ୍ଗ୍ରି ୟଙ୍ଗମ୍ୟାନ୍'ର ଆଖ୍ୟା ଦେଇଥିଲା। ଫିଲ୍ମଟି ସୁପରହିଟ୍ ହେବା ସହ ଏହାପରେ ଅମିତାଭଙ୍କ ପଛରେ ପ୍ରଯୋଜକଙ୍କର ଲମ୍ବା ଲାଇନ୍ ଲାଗିଯାଇଥିଲା। ପ୍ରକାଶ ମେହେରାଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ସିନେମା ୧୯୭୩ରେ ପରଦା ଉପରକୁ ଆସିଥିଲା। ହେଲେ ଏହାର ମୁଖ୍ୟ ଭୂମିକା ପାଇଁ ଅମିତାଭ ଫାଷ୍ଟ ଚଏସ୍ ନ ଥିଲେ। ପ୍ରଥମେ ପ୍ରଯୋଜକ ଏହି ରୋଲ୍ ପାଇଁ ଧର୍ମେନ୍ଦ୍ରଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ କେତେକ କାରଣରୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ତା'ପରେ ଦେବାନନ୍ଦଙ୍କୁ ନେବାକୁ ଭାବିଥିଲେ ପ୍ରକାଶ। ତାହା ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ତାଙ୍କ ମନକୁ ଅମିତାଭଙ୍କ କଥା ଆସିଥିଲା। ବାସ୍, ଏଭଳି ଏକ ଅଫର ପାଇବା ପରେ ସେ ମନା କରି ନ ଥିଲେ। ଆଉ ତା'ପରେ ଯାହା ଘଟିଥିଲା ତାହା ଥିଲା ଇତିହାସ। ମାତ୍ର ୯ ମିଲିୟନ ଡଲାରରେ ପ୍ରସ୍ତୁତ ଏହି ଫିଲ୍ମ ବକ୍ସ ଅଫିସରେ ପ୍ରାୟ ୧୭୪ ମିଲିୟନ ଡଲାର ଆୟ କରି ରେକର୍ଡ ସୃଷ୍ଟି କରିଥିଲା।

# ଜୁହିଙ୍କ ରୋଲ୍ ମଡେଲ୍

ଜୁହି ଚାୱ୍‌ଲାଙ୍କର ନାୟିକା ଭାବରେ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ ହୋଇଥିଲା 'କୟାମତ୍ ସେ କୟାମତ୍ ତକ୍' (୧୯୮୮) ଫିଲ୍ମରୁ। ଏହି ଫିଲ୍ମରୁ ଆମୀର ଖାଁ ମଧ୍ୟ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ଟିନ୍ ଏଜ୍ ପ୍ରେମକାହାଣୀ ଉପରେ ପର୍ଯ୍ୟବଶିତ ଏହି ଚିତ୍ରଟି ସମସ୍ତ କଥାକୁ ଭୁଲ ପ୍ରମାଣିତ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଏହାପୂର୍ବରୁ ଜୁହି ୧୯୮୬ରେ ନିର୍ମିତ 'ସଲ୍‌ତନତ୍'ରେ ଏକ ଛୋଟ ଭୂମିକାରେ ଅଭିନୟ କରିଥିଲେ। ହେଲେ 'କୟାମତ୍ ସେ କୟାମତ୍ ତକ୍'ର ଅପାର ସଫଳତା ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରିଦେଇଥିଲା। ୧୯୮୪ରେ ସେ ମିସ୍ ଇଣ୍ଡିଆ ଟାଇଟଲ ବିଜୟିନୀ ହୋଇଥିଲେ। ହେଲେ ଅଭିନୟକୁ କ୍ୟାରିୟର କରିବାକୁ ସେ କାହା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ଜାଣନ୍ତି? ସେ ସମୟର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଦେବୀଙ୍କ ଦ୍ୱାରା। ଏ ବିଷୟରେ ଜୁହି କହନ୍ତି, ''ଶ୍ରୀଦେବୀଙ୍କ ସିନେମାଗୁଡିକ ଦେଖିବା ପରେ ମୋ ମନରେ ନାୟିକା ସାଜିବାର ଆଶା ଦ୍ୱିଗୁଣିତ ହୋଇଯାଇଥିଲା। ଏକଦା ଏକ କାର୍ଯ୍ୟକ୍ରମରେ ତାଙ୍କ ସହ ଭେଟ ହେବା ପରେ ମୁଁ ସ୍ଥିର କରିନେଲି ଯେ, ଦିନେ ନା ଦିନେ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କରିବି। 'କୟାମତ୍ ସେ କୟାମତ୍ ତକ୍' ମୋ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ମୋର ରୋଲ୍ ମଡେଲ ହେଉଛନ୍ତି ଶ୍ରୀଦେବୀ।'' ପୁଣି ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ଏହାପରେ ତାଙ୍କର 'ଲୁଟେରା', 'ଆଇନା', 'ଡର୍', 'ବୋଲ୍ ରାଧା ବୋଲ୍', 'ହମ୍ ହେ ରାହି ପ୍ୟାର କେ' ଭଳି ଅନେକ ସିନେମା ହିଟ୍ ସାବ୍ୟସ୍ତ ହେଲା। ଆଉ ସେ ନିଜ ଲକ୍ଷ୍ୟ ପଥରେ ଆଗଇେ ଚାଲିଥିଲେ।


ଜୁହି

# ସତ୍ୟବାନର ସ୍ୱର୍ଗଯାତ୍ରା

ଓଡ଼ିଶାର ଏକ ନମ୍ବର ମନୋରଂଜନ ଚ୍ୟାନେଲ, ଜୀ ସାର୍ଥକ ସବୁବେଳେ ଦର୍ଶକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ସେଥିପାଇଁ ନେଇକି ଆସୁଛି ଏକ ହାସ୍ୟଭରା ଓ ମନୋରଞ୍ଜନଭିତ୍ତିକ କାହାଣୀକୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ସତ୍ୟବାନର ସ୍ୱର୍ଗଯାତ୍ରା'। ଏହି ସିନେମା ଚଳିତ ମାସ ୨୫ ତାରିଖ (ରବିବାର) ସନ୍ଧ୍ୟା ୬.୩୦ରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବ। କାହାଣୀ ଅନୁସାରେ ସବିତା ଏବଂ ସତ୍ୟବାନ ବୈବାହିକ ଜୀବନ ପାଞ୍ଚ ବର୍ଷ ଅତିକ୍ରମ କଲାଣି। ହେଲେ ଛୋଟ ଛୋଟ କଥା ପାଇଁ ତାଙ୍କ ଭିତରେ ସବୁବେଳେ ଝଗଡ଼ା ଲାଗିରୁହେ । ଥରେ ସବିତା ଏକ ଟେଲିଭିଜନ ଚ୍ୟାନେଲର ଲୋକପ୍ରିୟ ରିଆଲିଟି ସୋ, 'ସାବିତ୍ରୀ ନମ୍ବର-୧ ' ପ୍ରତିଯୋଗିତାରେ ଭାଗ ନିଅନ୍ତି ଓ ଜିତିବାରେ ସାହାଯ୍ୟ କରିବାକୁ ସତ୍ୟବାନକୁ ଅନୁରୋଧ କରନ୍ତି। ଏପଟେ ସତ୍ୟବାନ ଏଇ ସବୁ କାମ କରିବା ଭିତରେ ବହୁତ ହତାଶ ଅନୁଭବ କରନ୍ତି। ଏକଦା ତାଙ୍କୁ ଯମ ଦୂତମାନେ ଯମପୁରୀକୁ ନେଇଯାଆନ୍ତି । ତେବେ କଣ ହେବ ସତ୍ୟବାନ ଓ ସବିତାଙ୍କର ? ସତ୍ୟବାନ କଣ ଫେରିବେ ମର୍ତ୍ତ୍ୟକୁ ? ସବିତା କ'ଣ ପ୍ରକୃତ ଜୀବନର ସାବିତ୍ରୀ ହୋଇପାରିବେ ? ଏହାର ଉତ୍ତର ରହିଛି କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜିତ ଓ ଅଜୟ ରଥଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ। ଏହି ଫିଲ୍ମରେ ମୁଖ୍ୟ ନାୟକ ଭାବରେ ଶ୍ରୀଜୀତ ଓ ନାୟିକା ଭୂମିକାରେ ଅନନ୍ୟାଙ୍କୁ ଦେଖିବାକୁ ମିଳିବ। ଗୀତ ରଚନା କରିଛନ୍ତି ଡା. ନିର୍ମଳ ନାୟକ ଓ କାହାଣୀ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ ।


'ସତ୍ୟବାନ ସ୍ୱର୍ଗଯାତ୍ରା'ର ଏକ ଦୃଶ୍ୟ

# ପୁଣି ଅପେକ୍ଷା...

ମଣିଷ ଯାହା ଆଶା କରିଥାଏ ତାହା ଅନେକ ସମୟରେ ପୂରଣ ହୋଇ ନ ଥାଏ। ଆଉ ସେଥିରୁ ବା ତମନ୍ନା ଭାଟିଆ ବାଦ୍ ପଡିବେ କେମିତି ? କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ବବନ୍': ଫୋର୍ସ ଅଫ ଦ ଫରେଷ୍ଟ'ର ରିଲିଜ ତାରିଖ ନିକଟରେ ଫାଇନାଲ ହୋଇଛି। ତମନ୍ନା ଆଶା ରଖିଥିଲେ ଯେ, ଫିଲ୍ମଟି ଚଳିତ ବର୍ଷ ରିଲିଜ ହେବ। ହେଲେ ଏହା ଆସନ୍ତା ବର୍ଷ ମେ' ୧୫ରେ ପରଦା ଉପରକୁ ଆସିବ। ଫଳରେ ତାଙ୍କ ଆଶା ମଉଳି ଯାଇଛି। ଏ ବିଷୟରେ ତମନ୍ନା କହନ୍ତି, ''ମୋର ଆଶା ଥିଲା ଏହି ଫିଲ୍ମଟି ଚଳିତ ବର୍ଷ ଶେଷ ଭାଗରେ ରିଲିଜ ହେବ। ହେଲେ ତାହା ହେଲା ନାହିଁ। ଆସନ୍ତା ବର୍ଷ ମେ' ୧୫ ତାରିଖରେ ଏହା ରିଲିଜ ହେବ। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ତା'ସହ ଶୁଟିଂ ସମୟରେ ସମସ୍ତ କଳାକାର ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ଏହି ଫିଲ୍ମକୁ ନିର୍ଦ୍ଦେଶନା ଦେଇଛନ୍ତି ଅରୁଣଭ କୁମାର। ସହଯୋଗୀ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଦୀପକ କୁମାର ମିଶ୍ର। ନିକଟରେ ଏହାର ଟିଜର ରିଲିଜ ହୋଇ ଭାଇରାଲ ହୋଇଛି।


ତମନ୍ନା


ପରିଣିତୀ

# ପରିଣିତୀଙ୍କ ଅଜବ ନିଶା

ପରିଣିତୀ ଚୋପ୍ରାଙ୍କର ଏକ ଅଜବ ନିଶା ରହିଛି। ବଜାରକୁ କୌଣସି ନୂଆ ବ୍ରାଣ୍ଡର ଜୋତା ଆସିଲେ ତାହାକୁ ନ କିଣିବା ପର୍ଯ୍ୟନ୍ତ ସେ ଥୟ ହୋଇ ବସି ପାରନ୍ତି ନାହିଁ। ସମୟ ମିଳିବା ମାତ୍ରେ ସେ ନୂଆ ନୂଆ ବ୍ରାଣ୍ଡର ଜୋତା ଖୋଜି ବୁଲନ୍ତି। ଯଦି କେବେ ସେ ଶପିଂ କରିବାକୁ ଯାଆନ୍ତି ତାଙ୍କର ପ୍ରଥମ ଲକ୍ଷ୍ୟ ଥାଏ ନୂଆ ଜୋତା କିଣିବା। ଏକଦା ସେ ଥରେ ଏକ ଜୋତା ଶୋ' ରୁମ୍‌କୁ ଯାଇଥିଲେ। ବିଭିନ୍ନ ପ୍ରକାର ଜୋତା ବୁଲି ଦେଖିବା ସମୟରେ ସେ ଗୋଟିଏ ଜାଗାରେ ଅଟକି ଗଲେ। ସେହି ଜୋତାକୁ ଭଲ ଭାବରେ ଦେଖିବା ପରେ ତାହାକୁ କିଣିବାକୁ ସ୍ଥିର କଲେ। ପୁଣି ହଳେ କି ଦୁଇ ହଳ ନୁହେଁ, ଏକାଥରେ ୧୫ ହଳ ଜୋତା କିଣି ସେ ସେଠାରୁ ଫେରିଥିଲେ। ଏ ବିଷୟରେ ପରିଣିତୀ କହନ୍ତି, '' ନୂଆ ଜୋତା ବଜାରକୁ ଆସିବା ମାତ୍ରେ ମୁଁ ତାକୁ ନ କିଣି ରହିପାରେନା। ଏଭଳି ଅଭ୍ୟାସ ମୋର ଅନେକ ଦିନର। ଏପରିକି ଥରେ ମୁଁ ଏକାଥରେ ଏକ ନୂଆ ବ୍ରାଣ୍ଡର ଜୋତା ୧୫ ହଳ କିଣିଥିଲି।'' ପରିଣିତୀ ଅଭିନୟ କରିବା ପୂର୍ବରୁ ବଲିଉଡ୍‌ର ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ଚାକିରି କରିଥିଲେ। ପୁଣି ଏପରି ସଂଯୋଗ ଏହି ବ୍ୟାନରରୁ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏକଦା ନିର୍ଦ୍ଦେଶକ ମନୀଷ ଶର୍ମା ପ୍ରଯୋଜକ ଆଦିତ୍ୟ ଚୋପ୍ରାଙ୍କୁ କହିଥିଲେ ଯେ 'ପରିଣିତୀ ଆକ୍ଟିଂରେ ସଫଳ ହେବେ। ତାଙ୍କୁ ଥରେ ସୁଯୋଗ ଦିଅନ୍ତୁ।' ସେଥର ସିନା ଆଦିତ୍ୟ ମନା କରିଦେଇଥିଲେ, ହେଲେ ପରବର୍ତ୍ତୀ ସମୟରେ ସେ ତାଙ୍କର ନୂଆ ସିନେମା 'ଲେଡିଜ୍ ଭର୍ସେସ ରିକି ବହଲ' ପାଇଁ ମନୀଷଙ୍କୁ ନିର୍ଦ୍ଦେଶକ ଏବଂ ପରିଣିତୀଙ୍କୁ ନାୟିକା ଭାବରେ ସୁଯୋଗ ଦେଇଥିଲେ। ୨୦୧୧ରେ ମୁକ୍ତିଲାଭ କରିଥିବା ଏହି ସିନେମାର ବଜେଟ୍ ଥିଲା ୨୦କୋଟି ଏବଂ ତାହା ବକ୍ସ ଅଫିସରେ ୪୯କୋଟି ଇନ୍‌କମ୍ କରିଥିଲା।

# ଦୃଢ଼ମନା ସନାୟା

ନବାଗତା ସନାୟା କପୁର। ୟା ଭିତରେ ସେ ୨-୩ଟି ସିନେମା ସାଇନ୍ କରିସାରିଲେଣି। ସେପଟେ 'ବୃଷଭ' ଟାଇଟଲବିଶିଷ୍ଟ ଫିଲ୍ମର ଶୁଟିଂ ଶେଷ ହୋଇଛି ଏବଂ 'ଆଖୋଁ କି ଗୁସ୍ତାଖିୟାଁ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ବଲିଉଡ୍‌ରେ ନିଜ କ୍ୟାରୟରକୁ ନେଇ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ। ଭବିଷ୍ୟତରେ ଭଲ ଅଫର ମିଳିବ ଏବଂ ଦିନେ ନା ଦିନେ ସେ ନିଜକୁ ନାୟିକା ଦୌଡରେ ସାମିଲ କରିବେ ବୋଲି ଆଶା ରଖିଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ ସନାୟା କହନ୍ତି, '' କଳାକାର ପରିବାରରେ ମୋର ଜନ୍ମ। ତେଣୁ ଅଭିନୟ ବିଷୟରେ ମୋର କିଛି ଆଇଡିଆ ରହିଛି। ଚଳିତ ବର୍ଷ ହେଉ କି ଆସନ୍ତା ବର୍ଷ ମୋ ସିନେମା ରିଲିଜ ହେବ। ତା'ପରେ ମୋ ଅଭିନୟ ଦର୍ଶକଙ୍କୁ କେତେକ ପ୍ରଭାବିତ କରୁଛି ତାହା ଜଣାପଡିବ। ପ୍ରତିଟି ଅଫର ବିଷୟରେ ମୋ ପାପା (ସଞ୍ଜୟ କପୁର)ଙ୍କ ସହ ବିଷଦ ଭାବରେ ଆଲୋଚନା କରିଥାଏ। ମୁଁ ଜାଣିଛି ଅଭିନୟ ରାସ୍ତା ଖସଡିଆ। ଟିକେ ଡିସିସନ୍ ଏପଟ ସେପଟ ହେଲେ ପାଦ ଖସି ଯିବାର ଚାନ୍ସ ରହିଛି। ତେଣୁ ସବୁବେଳେ ଭାବିଚିନ୍ତି ଆଗେଇବାକୁ ପଡିବ।'' ନିକଟରେ ସେ ଅଭିନୟ କରିଥିବା 'ଜେସି' ଫିଲ୍ମର ଶୁଟିଂ ଶେଷ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଶୁଜାତ୍ ସୌଦାଗର। ଚଙ୍କି ତନୟା ଅନନ୍ୟା ପାଣ୍ଡେ ହେଉଛନ୍ତି ତାଙ୍କର ଜଣେ ଭଲ ବାନ୍ଧବୀ।


ସନାୟା

# ସେ ୬ଶହ ଟଙ୍କା ୬ ଲକ୍ଷରୁ ବି ଅଧିକ ଥିଲା

‘ରୋଜଗାର’ ଏହି ୪ଟି ଅକ୍ଷରର ଶବ୍ଦଟି କାହା ପାଇଁ କ’ଣ ଜାଣିନି, ମୋ ପାଇଁ କିନ୍ତୁ ନିହାତି ମୂଲ୍ୟବାନ୍ ଶବ୍ଦ। ପରୋକ୍ଷରେ କହିବାକୁ ଗଲେ ଗୋଟେ ନିଶା ଥିଲା। ଚାରି ଭଉଣୀ ଓ ଗୋଟିଏ ଭାଇକୁ ନେଇ ଏକ ମଧ୍ୟବିତ୍ତ ପରିବାରର ମୁଁ ସାନ ଝିଅ ଥିଲି। ନନା ମୋର ଖୁବ୍ ସରଳ ଓ ସଚ୍ଚୋଟ। ମୁଁ ଦେଖିଛି ତାଙ୍କ ଭଳି ଚାକିରି କରି ଆମ କଲୋନୀରେ ବେଶ୍ ସ୍ୱଚ୍ଛନ୍ଦରେ ଲୋକ ଚଳୁଥିଲେ। ସ୍ୱଚ୍ଛଳତା କିନ୍ତୁ ଆମ ପାଖ ମାଡ଼ି ନ ଥିଲା। ନନା ଯେତିକି ରୋଜଗାର କରୁଥିଲେ ସେଥିରେ ଖାଇ ପିଇ ବନ୍ଧୁ ବାନ୍ଧବ ତୁଲାଇ ହୋଇଯାଉଥିଲା। ତା’ଠାରୁ ଆଉ ଅଧିକ କିଛି ଚିନ୍ତା କରି ହେଉ ନ ଥିଲା। ଏଇ ଅବସ୍ଥା ବି ଆହୁରି ବିଗିଡିଗଲା, ଯେବେ ନନା ଚାକିରିରୁ ଅବସର ନେଲେ। ଦୁଇ ଭଉଣୀ ସେ ସମୟ ବେଳକୁ ବିବାହ କରିଥିଲେ। ଆଉ ଆମେ ରହି ଯାଇଥିଲୁ ମୁଁ, ମୋଠୁ ଚାରିବର୍ଷ ବଡ଼ ଭାଇନା ଓ ତା’ଉପରେ ଗୋଟିଏ ଭଉଣୀ। ଯୋଗକୁ ଦୁଇ ଭଉଣୀ ଜଣେ ଅଧ୍ୟାପକ ଓ ଜଣେ ଡାକ୍ତରଙ୍କୁ ବିବାହ କରି ଏ ପରିସ୍ଥିତିରୁ ମୁକୁଳି ଯାଇଥିଲେ। ୨/୩ଟି ଚାକିରି ଛାଡିଥିବାରୁ ନନାଙ୍କ ଚାକିରିରେ ପେନସନ୍ ନ ଥିଲା। ୫ଟି ଜୀବନ ଦିଗହରା ହୋଇ ଅତଳ ସାଗରରେ ଭାସୁଥିଲା। ମୁଁ ସେତେବେଳେ ପଢୁଥାଏ ୮ମରେ ଓ ଭାଇନା ଆଇ.ଏ.ରେ। ନା ଥାଏ ଭୁବନେଶ୍ୱରରେ ମୁଣ୍ଡ ଗୁଞ୍ଜିବାକୁ ଘର, ନା ଥାଏ କିଛି ନିର୍ଦ୍ଦିଷ୍ଟ ରୋଜଗାର।

ସେଇ ପରିସ୍ଥିତି ହିଁ ମୋତେ ରୋଜଗାର କରିବା ପାଇଁ ପ୍ରେରଣା ତ ନୁହେଁ, ଜୀବନରେ ଅର୍ଥର ଆବଶ୍ୟକତାକୁ ବୁଝାଇ ଦେଇଥିଲା। ଅବଶ୍ୟ ସେଇ ଆର୍ଥିକ ଅନଟନର ୪ବର୍ଷ ପରେ ଭାଇନା ଯେବେ ଚାକିରି କଲା, ଥୁଣ୍ଟା ହୋଇଯାଇଥିବା ଗଛଟିରେ ପତ୍ର ପୁଣି କଅଁଳି ଥିଲା। ସମୁଦ୍ରର ଢେଉ ଫେରିଗଲା ପରେ ବାଲିରେ କଙ୍କଡା ବିଛା ଡଗଡଗ ଚାଲିବା ପରି ଆମେ ମୁଣ୍ଡ ଟେକିଥିଲୁ। ଅଭାବ ଅନଟନର ଢେଉକୁ ଲଂଘି ଯାଇଥିଲୁ। ନନାଙ୍କ ଅବସର ପରେ ଆମେ ଭୁବନେଶ୍ୱରରୁ ଗାଁକୁ ଫେରିଆସିଲୁ। ମୁଁ ପୁରୀ ଏସ୍‌ସିଏସ୍ କଲେଜରୁ ବି.ଏ. ପାସ୍ କରି ବାଣୀବିହାରରେ ପି.ଜି. କରୁଥାଏ। ଗାଁରୁ ଭୁବନେଶ୍ୱର ଯିବାଆସିବା କରୁଥାଏ। ପି.ଜି. ପରୀକ୍ଷା ଦେଇ ଘରେ ଥାଏ। ଦିନେ ମୋର ଘନିଷ୍ଠ ସାଙ୍ଗ ମାମି କହିଲା, ‘ବୁଝିଲୁ ନନଫର୍ମାଲ ସ୍କୁଲର ଆପଏଣ୍ଟମେଣ୍ଟ ପାଇଁ ବାହାରିଛି, ଚାଲେ ଆପ୍ଲାଏ କରିବା।’ ସେ ବି ବି.ଏ. ପାସ୍ କରି ଘରେ ଥାଏ। ତେଣୁ ଉଭୟ ବାହିରିଲୁ ଆପ୍ଲାଏ କରିବାକୁ। ଇଣ୍ଟରଭ୍ୟୁ ଦିନ ମୋ ସାର୍ଟିଫିକେଟ ଓ ମାର୍କଶିଟ୍ ଦେଖି ସେମାନେ ହସି କହିଲେ, ‘ଆପଣ ଏ ଚାକିରି କରିବାକୁ କାହିଁକି ଆପ୍ଲାଏ କଲେ! ଆପଣ କ’ଣ ସତରେ ଏ ଚାକିରି କରିବେ!’ ତାଙ୍କ ପ୍ରଶ୍ନର ଉତ୍ତରରେ ମୁଁ ଖାଲି ମୁଣ୍ଡ ଟୁଙ୍ଗାରି ଥିଲି। ମୁଁ ଛୋଟ ଚାକିରି କି ବଡ଼ ଚାକିରି ଦେଖୁ ନ ଥିଲି, ଭାବୁଥିଲି ଥରେ କୌଣସି ଚାକିରିରେ ପଶିଗଲା ପରେ, ହୁଏତ ଉପରକୁ ଉଠିବାର ସୁଯୋଗ ମିଳିପାରେ! ଜୁନ୍ ମାସ ବେଳକୁ ପୋଷ୍ଟିଂ ଆସିଗଲା। ଗାଁଠାରୁ ୪କି.ମି. ଦୂର ନୂଆଗାଁର ନନ୍‌ଫର୍ମାଲ ସ୍କୁଲ ଥିଲା ମୋ ପ୍ରଥମ କର୍ମସ୍ଥଳୀ। ଭାର୍ଗବୀ ନଦୀ ବନ୍ଧରେ ୪କି.ମି. ଯିବାକୁ ପଡିଥିଲା। ସେତେବେଳେ ଆମ ଘରେ ଅକ୍ଷୟ ବୋଲି ପିଲାଟିଏ ଥାଏ, ତା’ରି ସାଇକେଲ୍ ପଛରେ ବସି ସେଦିନ ନଦୀ ବନ୍ଧରେ ଯାଇଥିଲି। ନଦୀ ବନ୍ଧରେ ସ୍ଥାନେ ସ୍ଥାନେ ଗାତ ଥାଏ। ପ୍ରଥମ ଦିନ ହିଁ ଗୋଟିଏ ଗାତରେ ସାଇକେଲ୍ ପଶିଯିବାରୁ ଖୁବ୍ ଜୋର୍‌ରେ ପଡ଼ିଥିଲି। ତଥାପି ଝାଡ଼ିଝୁଡ଼ି ହୋଇ ଉଠି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲି।

ସେଠି ଯାଇ ଦେଖେ ଭାଗବତଘର ପିଣ୍ଡାରେ; ଯେଉଁଠି ପାଠପଢ଼ା ହେବା କଥା ସେଠି କେହି ନାହାନ୍ତି। ମୁଁ ପହଞ୍ଚିଲା ପରେ ମତେ ସମସ୍ତେ ଅନ୍ୟ ଏକ ଗ୍ରହରୁ ଆସିଥିଲା ଭଳି ମନେକରୁଥିଲେ। ନିପଟ ମଫସଲ। ସେ ପର୍ଯ୍ୟନ୍ତ ସେଠାକୁ ବିଜୁଳି ଆଲୋକ ମଧ୍ୟ ଯାଇ ନ ଥିଲା। ସମସ୍ତେ କୃଷି ଉପରେ ନିର୍ଭରଶୀଳ। ମତେ ନନ୍‌ଫର୍ମାଲ ଶିକ୍ଷୟିତ୍ରୀ ଜାଣି ଗାଁ ଲୋକ ୮/୯ଟି ପିଲା ଯୋଗାଡ଼ କରି ଆଣିଲେ। କିଏ ୫ ବର୍ଷର ତ କିଏ ୧୦/୧୧ ବର୍ଷର। ସବୁଠୁ ବଡ଼ ପିଲାଟିକୁ ପାଠ ନ ପଢ଼ିବାର କାରଣ ପଚାରିବାରୁ କହିଲା, ‘ଗୁରୁମା’ ମୁଁ ଛେଳି ଚରାଉଛି ତ, ସେଇଥିପାଇଁ ପାଠ ପଢ଼ିନି।’ ଝିଅ ୨/୩ଜଣ ଫ୍ରକ୍ ଖଣ୍ଡେ ଖଣ୍ଡେ ପିନ୍ଧିଥାନ୍ତି, ଅଧିକାଂଶ ପୁଅଙ୍କ ଦେହରେ ଶାର୍ଟ ବି ନ ଥିଲା। ସେଠୁ ଫେରିବା ପରେ ନନା ବୋଉଙ୍କର ନିର୍ଦ୍ଦେଶ ଥିଲା ଆଉ ନ ଯିବାପାଇଁ। ଅନ୍ୟ କିଛି ବ୍ୟବସ୍ଥା ନ ହେବା ଯାଏ ଯାଉଥିବି ବୋଲି ଅନୁରୋଧ କଲି। ଧୀରେ ଧୀରେ ସେ ପରିବେଶ ଓ ପିଲାମାନେ ଖୁବ୍ ଆତ୍ମୀୟ ଲାଗିଲେ। ୬ମାସ ପରେ ଏମ୍.ଫିଲ୍.ରେ ଆଡ୍‌ମିଶନ ହୋଇଯିବାରୁ ବାଧ୍ୟ ହୋଇ ସେ ଚାକିରି ଛାଡ଼ିଲି। କଷ୍ଟରେ କରୁଥିବା ଚାକିରିଟିକୁ ଛାଡ଼ିଲାବେଳେ କିନ୍ତୁ ଭାରି କଷ୍ଟ ଲାଗୁଥିଲା। ଏମ୍.ଫିଲ୍. କଲାବେଳେ ସେଇ ୬ମାସର ୬ଶହ ଟଙ୍କା ଦରମା ମୋ ଜୀବନର ପ୍ରଥମ ଦରମା ଭାବରେ ପାଇଥିଲି; ଯାହାର ମୂଲ୍ୟ ମୋ ପାଇଁ ୬ଲକ୍ଷଠାରୁ ଅଧିକ ଥିଲା। କାରଣ ତାହା ଥିଲା ମୋ ପରିଶ୍ରମର ପ୍ରଥମ ମୂଲ। ସେଥିରୁ ୨ଶହ ଟଙ୍କାରେ ଆମ ଗାଁ ଆରାଧ୍ୟ ଦେବତା ନୀଳକଣ୍ଠଙ୍କ ନିକଟରେ ପଣା କରି ବାଣ୍ଟିଥିଲି। ଆଉ ବଳକାତକ ବୋଉ ହାତରେ ଦେଇଥିଲି। ପରବର୍ତ୍ତୀ ଜୀବନରେ ଯେତେ ଦରମା ପାଇଥିଲେ ବି ପ୍ରଥମ ଦରମାର ସ୍ପର୍ଶ ମନରେ ଯେଉଁ ପୁଲକତା ଆଣିଥିଲା, ତାହା ଆଉ କେବେ ବି ପାଇନି। ସତରେ ସେ ସ୍ମୃତି ମନେପଡିଲେ ଆଜିବି ଆଖି ସଜଳ ହୋଇଯାଉଛି।

**ପ୍ରଥମ ରୋଜଗାର**



ସାହିତ୍ୟିକା କିରଣ ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ସାଥୀ**

# ଏପଟେ ଛାଇକୁ ସେପଟେ ଖରା, ରଙ୍ଗୀଲା ରାଧିକା ନ ଦିଏ ଧରା



**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହୋଇଗଲା। ତା’ ସହ କେଇପଦ କଥା ହେବା ପରେ ମୋତେ ଲାଗିଲା ଇଏ ହିଁ ମୋ ମନର ମାନସୀ। ତାକୁ ସିନା ମୁଁ ଭଲ ପାଇ ବସିଛି ହେଲେ ସେଦିନ ଠାରୁ ଆଉ ତାହାର ଦେଖା ନାହିଁ। କ’ଣ କରିବି ?

*–ସୁକାନ୍ତ ରାଉତ, ଢେଙ୍କାନାଳ*

**ଉତ୍ତର:** ସେହି ସୁନ୍ଦରୀ ସହ ଦେଖା ହେବା ପରେ ଆପଣଙ୍କୁ ଲାଗିଲା, ଯାହାକୁ ଏତେ ଦିନ ଆପଣ ଖୋଜି ବୁଲୁଥିଲେ ସେ ଆଜି ଆପଣଙ୍କ ସାମ୍ନାରେ ଠିଆ ହୋଇଛି। କଥା ହେଉ ହେଉ ତା’ ପ୍ରେମରେ ପଡିଗଲେ। ଠିକ୍ ଅଛି, ହେଲେ ତା’ ଆଖିରେ ପ୍ରେମର କିଛି ଝଲକ୍ ଦେଖିଥିଲେ କି ? ପ୍ରେମ କରିବା ସମୟରେ ଏମିତି ଅନେକ ରଙ୍ଗୀଲା ରାଧିକା ଆସନ୍ତି। ହେଲେ ସେମାନଙ୍କ ଭିତରୁ ଦି ବେଷ୍ଟ ଚଏସ୍ କରିବାକୁ ମଗଜ ଖଟାଇବାକୁ ପଡେ। ‘ଏପଟେ ଛାଇକୁ ସେପଟେ ଖରା, ରଙ୍ଗୀଲା ରାଧିକା ନ ଦିଏ ଧରା’। ତେଣୁ ଆରମ୍ଭରୁ ତା’ ନାମ ଆଉ ଠିକଣା ବୁଝି ନେଇଥିଲେ ହୁଏତ ଆଜି ଆଉ ଅପେକ୍ଷା କରିବାକୁ ପଡି ନ ଥାନ୍ତା। ଯଦି ବିଶ୍ୱାସ ଅଛି ସେ ଦିନେ ନା ଦିନେ ଫେରିବ ତେବେ ଅପେକ୍ଷା କରିବା ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ଉପରେ ନିର୍ଭର କରେ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ଅବିନାଶ ନାୟକ, ରେଢ଼ାଖୋଲ*

**ଉତ୍ତର:** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ୍, ଓନଲି ମସ୍ତି !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା’ ସାଙ୍ଗକୁ ବାହା ହୋଇଛି। ହେଲେ ନିକଟରେ ମୋ ପୂର୍ବ ପ୍ରେମକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା’ ପ୍ରେମରେ ପଡିଯାଇଛି। ମୁଁ ଏବେ କ’ଣ କରିବି ଜାଣିପାରୁନାହିଁ ?

*–ଅମନ କୁମାର, ବ୍ରହ୍ମପୁର*

**ଉତ୍ତର:** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ’ ତା’ର ଅଛି ପ୍ରତିବାଦୀ’। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡିଗଲେଣି। ତେଣୁ ଏହାର ପରିଣାମ କ’ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।

**ପ୍ରଶ୍ନ**–ମୁଁ ଏବେ କଲେଜରେ ପଢୁଛି। ମୋଠାରୁ ବୟସରେ ବଡ଼ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ଆମର ପ୍ରେମ ଗାଡି ଆଗକୁ ଗଡିବ ତ ?

*–ଦିବେଶ କୁମାର, କଳାହାଣ୍ଡି*

**ଉତ୍ତର:** ଗୋଟିଏ ପଟେ କହୁଛନ୍ତି ଯେ, ଆପଣଙ୍କ ପ୍ରେମ ଏକତରଫା। ଏପରି ପ୍ରେମରେ କ୍ଷଣିକ ମଜା ଥାଏ। ହେଲେ ସେହି ମଜା ସବୁବେଳେ ମିଳିବ ତାହା ଭାବିବା ଭୁଲ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ନାହିଁ। ଦୁଇଟି ମନ ଠିକ୍ ଭାବରେ ମିଶିଲେ ସେଥିରୁ ପ୍ରେମର ଅସଲ ମଜା ଅନୁଭୂତ ହୋଇଥାଏ। ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଅନେକ ଥର ‘ଆଇ ଲଭ୍ ୟୁ’ କହିସାରିଲାଣି। ହେଲେ ତାକୁ ମୁଁ ମୋ ମନର କଥା କହିବାକୁ ଡର ଲାଗୁଛି। ତାକୁ କେମିତି ମନର କଥା କହିବି ଜାଣିପାରୁନାହିଁ ?

*–ଜ୍ୟୋତି, ରାଉରକେଲା*

**ଉତ୍ତର:** ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ମନରେ ସାହସ ଏକଜୁଟ୍ କରନ୍ତୁ। ଏପରି ସୁଯୋଗ ପାଇବା ପରେ ତାକୁ ୟୁଟିଲାଇଜ ନ କରି ଆପଣ ଡରୁଛନ୍ତି ! ଆପଣ ପ୍ରେମ କେମିତି କରିବେ ତାହା ତ ସନ୍ଦେହ ଘେରରେ। ସେପଟୁ ଗ୍ରୀନ୍ ସିଗନାଲ୍ ମିଳୁଛି ମାନେ ଆଉ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯେତେ ବିଳମ୍ବ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ସେତେ ବଢିଯିବ।

# ଅଜବ ଅଣ୍ଡା





**ଅଣ୍ଡା ତ ସମସ୍ତେ ଦେଖିଥିବେ। ଆଉ ତା'ର ଆକାର କେମିତି ସମସ୍ତେ ଜାଣନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ କିଛି ଅଣ୍ଡା ସାଧାରଣ ଅଣ୍ଡାଠାରୁ ଏତେ ଭିନ୍ନ ଯେ, ବିଶ୍ୱାସ କରି ହେବନି ତାହା ଅଣ୍ଡା ବୋଲି । ଏଇ ଯେମିତି ଏସବୁ ପ୍ରାଣୀଙ୍କ ଅଣ୍ଡା...**





**ହର୍ନ ଶାର୍କ :** ଅନେକ ଶାର୍କ ଶାବକକୁ ଜନ୍ମ ଦେଉଥିବାବେଳେ ଆଉ କିଛି ଶାର୍କ ଅଣ୍ଡା ଦିଅନ୍ତି। ଏଇ ଯେମିତି ହର୍ନ ଶାର୍କ । ଏହା ଏକ ପ୍ରକାରର ବୁଲ୍‌ହେଡ ଶାର୍କ। ଶୀତଦିନେ ଏହି ଶାର୍କ ସହବାସ କରନ୍ତି। ଏହାର କିଛି ମାସ ପରେ ମାଈ ଶାର୍କ ଅଣ୍ଡା ଦେବା ଆରମ୍ଭ କରେ। ପ୍ରତି ଦୁଇ ସପ୍ତାହରେ ଦୁଇଟି ଅଣ୍ଡା ଦିଏ। ଏମିତିରେ ସେ ପ୍ରାୟ ଏକ ଡଜନ ଅଣ୍ଡା ଦେଇଥାଏ। ଅଣ୍ଡାଗୁଡିକ ୧୨ ସେ.ମି.ର କେରାଟିନ୍‌ରେ ତିଆରି ସ୍ପାଇରାଲ ବା ସ୍କ୍ରୁ ପରି ମୋଡି ମୋଡି ହେବା ଭଳି କେସ୍‌ରେ ଥାଏ। ଯେବେ ମା' ଶାର୍କ ପଥର ଉପରେ କିମ୍ବା ଦୁଇ ପଥର ମଝିରେ ଅଣ୍ଡା ଦିଏ ଏହି ସ୍ପାଇରାଲ କେସ୍ ସ୍କ୍ରୁ ଭଳି ମଝିରେ ଲାଖିକି ରହେ। ଫଳରେ ତାହା ପାଣିରେ ଭାସି ଯାଏନା। ଏହାର ରଙ୍ଗ ପ୍ରଥମେ ଧୂସର ଓ ପରେ କଳା ହୋଇଯାଏ। ଛୁଆ ଶାର୍କ ଖୋଳ ଭିତରେ ୧୦ ମାସ ଯାଏ ରହେ।

**ଘୋଷ୍ଟ ଶାର୍କ:** ଭୟଙ୍କର ଦେଖାଯାଉଥିବା ଆଖି, ଧୂସର ଚର୍ମ ପାଇଁ ଏହି ଶାର୍କର ନାମକରଣ ଘୋଷ୍ଟ ଶାର୍କ ହୋଇଛି। ଦକ୍ଷିଣ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଦେଖାଯାଉଥିବା ଏହି ଶାର୍କ ବସନ୍ତ ଋତୁରେ ସହବାସ କରିବା ସହ ଅଣ୍ଡା ଦେବା ପାଇଁ ଅଗଭୀର ଜଳକୁ ଯାଆନ୍ତି। ଏହାର ଅଣ୍ଡାର ଆକାର ଆୟତାକାର ହେବାସହ ୨୫ ସେ.ମି. ଲମ୍ବା ସୁନେଲି ରଙ୍ଗର ହୋଇଥାଏ। ହର୍ନ ଶାର୍କ ଭଳି ଏହାର ଏକ କେସ୍ ଥାଏ ଯାହାକି ଦେଖିବାକୁ ଚମଡା ପାଉଚ୍ ଭଳି। ଏହି କେସ୍ ସେ ପର୍ଯ୍ୟନ୍ତ ଭ୍ରୂଣକୁ ପୋଷଣ ଦିଏ ଯେ ପର୍ଯ୍ୟନ୍ତ ତଥା ୭-୮ ମାସ ପରେ ଫୁଟିକି ବାହାରି ନ ଯାଏ।

**ଗ୍ରୀନ ଲେସ୍‌ୱିଙ୍ଗ:** ଏହା ଏକ ସବୁଜରଙ୍ଗର ପତଙ୍ଗ, ଯାହାର ପକ୍ଷୀ ୬୫ ମିମି ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ସହବାସ ପରେ ମାଈ ଗ୍ରୀନ ଲେସ୍‌ୱିଙ୍ଗ ପତ୍ର ଉପରେ ୩୦୦ ପର୍ଯ୍ୟନ୍ତ ଛୋଟ ଛୋଟ ଅଣ୍ଡା ଦିଅନ୍ତି। ସରୁ ସରୁ ସୂତା ଭଳି ଡେମ୍ଫ ଉପରେ ଛୋଟ ଧଳା ଅବା ହଳଦିଆ ରଙ୍ଗର ବୁନ୍ଦା ବା ଡ୍ରପ୍ ପଡ଼ିଲା ଭଳି ଏହି ଅଣ୍ଡା ପ୍ରତୀୟମାନ ହୁଏ। ଅଣ୍ଡା ଜୀବିତ ରହିବା ପାଇଁ ଏହି ଡେମ୍ଫ ନିହାତି ଜରୁରୀ। ଅନ୍ୟ ଅଣ୍ଡାରୁ ବାହାରୁଥିବା ଲାଭାରୁ ଏହି ଡେମ୍ଫ ଅଣ୍ଡାକୁ ବଞ୍ଚାଏ।

**ସ୍କେଟ୍‌ସର:** ଏହା ଦେଖିବାକୁ ଷ୍ଟିଙ୍ଗ ରେ' ଭଳି। ମାଈ ସ୍କେଟ୍‌ସ ଅଣ୍ଡା ଦେବାକୁ ଅଗଭୀର ଜଳକୁ ଯାଏ। ଏହାର ଅଣ୍ଡା ଆୟତାକାର ତକିଆ ଭଳି ଦେଖାଯାଏ। ଆଉ ଏହାର ଚାରିପଟେ ଶିଙ୍ଗ ଭଳି ହୋଇଥାଏ। ଏହି ଅଣ୍ଡାକୁ ଅନେକ ସମୟରେ କୋରାଲ ଅବା ସମୁଦ୍ର ଉଦ୍ଭିଦରେ ଝୁଲୁଥିବା ଦେଖିବାକୁ ମିଳେ। ଏହି ଅଣ୍ଡାକୁ ଅନେକେ 'ମର୍‌ମେଡ୍ ପର୍ସ' ବୋଲି କୁହନ୍ତି। ଅଣ୍ଡାରୁ ବାହାରିବା ପୂର୍ବରୁ ସ୍କେଟ୍‌ସ ନିଜ ପର୍ସରେ ୧୫ ମାସ ପର୍ଯ୍ୟନ୍ତ ରହେ। ଏହି ପର୍ସର ଏକ ସରୁ କଣା ଦେଇ ଏହା ବାହାରକୁ ବାହାରିଥାଏ।

**ଜ' ଫିଶ୍:** ଅନ୍ୟ ପ୍ରାଣୀଙ୍କ ଭଳି ମାଈ ଜ' ଫିଶ ଅଣ୍ଡା ଦେଇଥାଏ। ଏହା ଏକାଥରେ ଚାରି ଶହରୁ ଊର୍ଦ୍ଧ୍ୱ ଅଣ୍ଡା ଦିଏ। ହେଲେ ଏହାପରେ ସେହି ଅଣ୍ଡାଗୁଡିକ ପୁରୁଷ ଜ' ଫିଶର ପାଟି ଭିତରକୁ ଚାଲି ଯାଆନ୍ତି। ପୁରୁଷ ଜ'ଫିଶ ଅଣ୍ଡାଗୁଡ଼ିକୁ ନିଜ ପାଟି ଭିତରେ ରଖେ। ସେ ପୁଣି କିଛି ସମୟ ପାଇଁ ନୁହେଁ, ମାସ ମାସ ପର୍ଯ୍ୟନ୍ତ ଏମିତି ପାଟି ଖୋଲି ଗୋଟିଏ ସ୍ଥାନରେ ବସି ରହେ। ସେ ପାଟି ଏଥିପାଇଁ ଖୋଲା ରଖେ ଯେମିତିକି ଅଣ୍ଡାଗୁଡ଼ିକୁ ଅମ୍ଳଜାନ ମିଳିପାରିବ ଓ ସେଗୁଡିକ ଫୁଟିବ।

**ଗେଣ୍ଡାର:** ସହବାସର ଗୋଟିଏ କି ଦୁଇ ସପ୍ତାହ ଭିତରେ ମାଈ ଗେଣ୍ଡା ଅଣ୍ଡା ଦିଏ। ଏମାନେ ପାଣି ନିକଟସ୍ଥ କାନ୍ଥ, ଗଛ, ପତ୍ର ଆଦିରେ ଅଣ୍ଡା ଦିଅନ୍ତି। ଏହି ଅଣ୍ଡାଗୁଡିକ ଗୋଲାପୀ ରଙ୍ଗର ଓ ଶାଗୁ ଦାନା ପରି ଛୋଟ ଛୋଟ। ପ୍ରାୟ ୫୦୦ଟି ଅଣ୍ଡା ପେନ୍ଥା ପେନ୍ଥା ହୋଇ ରହିଥାଏ। ଛୁଆ ବାହାରିବା ସମୟ ପାଖ ହେଲେ ଅଣ୍ଡାର ରଙ୍ଗ ହଳଦିଆ ହୋଇଯାଏ।










## ହାଃ ହାଃ

### ବଳିଦାନ

ବୟଫ୍ରେଣ୍ଡ–ବେୱଫା, ତୁ ମୋର ହୃଦୟ ଜାଳିକି ପାଉଁଶ କରିଦେଲୁ।
ଗର୍ଲଫ୍ରେଣ୍ଡ–ତୁମର ବଳିଦାନ ବେକାର ଯିବନି। ଦେଇଦିଅ ସେଇ ପାଉଁଶ ମୁଁ ସେଥିରେ ବାସନ ମାଜିଦେବି।

### ପାଣି

ଶିକ୍ଷକ– ମନ ଦୃଢ ଥିଲେ ପଥରରୁ ବି ପାଣି ବାହାର କରିପାରିବ।
ଗୋଲୁ– ସାର୍, ମୁଁ ତ ଲୁହାରୁ ବି ପାଣି ବାହାର କରିପାରିବି ?
ଶିକ୍ଷକ– ସତ ! କେମିତି ?
ଗୋଲୁ– ହ୍ୟାଣ୍ଡପମ୍ପ ମାରି।


### ଡର

ମହେଶ ରାକେଶକୁ– କେଜାଣି କାହିଁକି ସବୁ ପୁରୁଷମାନେ ନିଜ ସ୍ତ୍ରୀକୁ ଡରନ୍ତି।
ରାକେଶ– କାଇଁ ତୁ ଡରୁନୁ କି ?
ମହେଶ– ଆରେ ନା। କାଲି ରାତିରେ ପରା ସେ ମତେ କହିଲା ବାସନ ମାଜିଦିଅ। ଆଉ ମୁଁ କ'ଣ କହିଲୁ ଜାଣିଛୁ ?
ରାକେଶ– କ'ଣ ?
ମହେଶ– ସିଧା ସିଧା କହିଲି 'ଏବେ ଶୀତ ଲାଗୁଛି ସକାଳେ ମାଜିବି'।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।








# ଡେବ୍ରିଗଡ଼ ଅଭୟାରଣ୍ୟ

**ଛୋ**ଟନାଗପୁର ମାଳଭୂମି ଏବଂ ପୂର୍ବଘାଟ ପର୍ବତମାଳାର ସଙ୍ଗମ ସ୍ଥଳରେ ଅବସ୍ଥିତ ଡେବ୍ରିଗଡ଼ ଅଭୟାରଣ୍ୟଟି ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଅନ୍ୟତମ। ଏହା ଅବିଭକ୍ତ ସମ୍ବଲପୁର ଜିଲାରେ ଅବସ୍ଥିତ ; ଯାହା ସମ୍ବଲପୁର ରେଳଷ୍ଟେଶନରୁ ପ୍ରାୟ ୪୦କି.ମି. ଦୂର। ଡେବ୍ରିଗଡ଼ ଅଭୟାରଣ୍ୟର ଗୋଟିଏ ପାର୍ଶ୍ୱରେ ଥିବା ହୀରାକୁଦ ଜଳଭଣ୍ଡାରର ଶାନ୍ତ କାନ୍ତ ପରିବେଶ ଦିଗନ୍ତ ବିସ୍ତାରି ନୀଳ ଜଳରାଶିର ଶୋଭା ଅପୂର୍ବ। ହୀରାକୁଦର ଗୋଟିଏ ପାର୍ଶ୍ୱର କଡ଼େ କଡ଼େ ଗଲେ ପଡ଼େ ଜୀରୋ ପଏଣ୍ଟ ; ଯେଉଁଠି ହୋଇଛି ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରବେଶଦ୍ୱାର। ଆଡ଼ିବନ୍ଧ ଦେଇ ଯିବାବେଳେ ଗୋଟିଏ ପଟେ ନୀଳ ଜଳରାଶି ତ' ଅନ୍ୟ ପଟରେ  ଦିଶେ  ପାହାଡ଼ ଏବଂ ସବୁଜ କ୍ଷେତର ସୁନ୍ଦରତା। କୁହାଯାଏ, ପୂର୍ବରୁ ଛୋଟ ଛୋଟ ବାରଟି ପାହାଡ଼ ମଧ୍ୟରେ ଗଢ଼ି ଉଠିଥିବା ଏହି ଜଙ୍ଗଲକୁ ବାରପାହାଡ ଜଙ୍ଗଲ କୁହାଯାଉଥିଲା ; ଯାହା ଓଡ଼ିଶାର ସମ୍ବଲପୁରଠାରୁ ଛତିଶଗଡ଼ର ସିଂଘୋଡ଼ା ଘାଟି ପର୍ଯ୍ୟନ୍ତ ବିସ୍ତୃତ ଥିଲା। ୧୯୮୫ରେ ରାଜ୍ୟ ବିଭାଜନ ସମୟରେ ଏହାର ସୀମା ସରହଦ ନିର୍ଦ୍ଧାରିତ ହୋଇ ଏହାର କଳେବର ବୃଦ୍ଧି ପାଇଥିଲା।

ଡେବ୍ରିଗଡ଼ ଅଭୟାରଣ୍ୟର ପଶ୍ଚିମପଟେ ପାହାଡ଼ର ଶିଖର, ପୂର୍ବପଟେ ହୀରାକୁଦ ଜଳଭଣ୍ଡାର ଏବଂ ମଝିରେ ଥିବା ଢାଲୁ ଅଂଶରେ ରହିଛି ଶାଳ, ପିଆଶାଳ ଧଉରା ଅସନ ଇତ୍ୟାଦି ୨୫୦ ପ୍ରଜାତିର ଅତ୍ୟନ୍ତ ମୂଲ୍ୟବାନ ବୃକ୍ଷଭରା ପର୍ଣ୍ଣମୋଚୀ ଜଙ୍ଗଲ। ଏହି ଅଭୟାରଣ୍ୟରେ ଗୟଳ, ଚଉଶିଙ୍ଘା, ବାରାଶିଙ୍ଘା, ସମ୍ବର, ହରିଣ, ନୀଳଗାଈ, ଗାଡ଼ ଭାଲୁ, ଶାଳିଆପତନି, ଲଙ୍ଗୁର୍‌, ଚିତାବାଘ ଇତ୍ୟାଦି ବନ୍ୟଜନ୍ତୁ, ଗେଣ୍ଡାଳିଆ, ହଂସ, ହଂସରାଳି, ପାତି ହଂସ, ସି-ଗଲ୍‌, ସମୁଦ୍ରକୁଆ ଇତ୍ୟାଦି ପକ୍ଷୀ ଦେଖାଯାଆନ୍ତି। ବନବିଭାଗର ଗଣନାରୁ ଜଣାପଡେ ଯେ, ଏଠାରେ ଅଛନ୍ତି ପ୍ରାୟ ୪୦ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୪୦ ପ୍ରଜାତିର ସରୀସୃପ, ୨୦୦ ପ୍ରଜାତିର ପକ୍ଷୀ, ୧୨ ପ୍ରଜାତିର ଉଭୟଚର ପ୍ରାଣୀ, ୪୨ ପ୍ରଜାତିର ମାଛ, ୮୫ ପ୍ରଜାତିର ପ୍ରଜାପତି, ୩୮ ପ୍ରଜାତିର ବୁଢିଆଣି ଏବଂ ୩୯ ପ୍ରଜାତିର ଡ୍ରାଗନ୍‌ ଫ୍ଲାଏ ଇତ୍ୟାଦି।

ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କ ନିମନ୍ତେ ଏଠାରେ ରହିଛି ଧୋଡ୍ରାକୁସୁମ ବନବିଭାଗ ଅନ୍ତର୍ଗତ ବାରଖଣ୍ଡିଆଠାରେ ଏକ ଇକୋ ଟୁରିଜମ କମ୍ପ୍ଲେକ୍ସ ; ଯେଉଁଥିରେ ରହିଛି ଅଗ୍ନି, ପୃଥ୍ୱୀ, ଜଳ, ବାୟୁ, ଆକାଶ ଓ ଭୂମି ନାମରେ ୬ଟି କୁଟୀର, ଭାବର ଆଦାନ ପ୍ରଦାନ କର୍ମଶାଳା, ସଂପାନ ନିମନ୍ତେ ଏକ ପଞ୍ଚତତ୍ତ୍ୱ କେନ୍ଦ୍ର, ଗୋଟିଏ ଛୋଟ ପାଠାଗାର ଏବଂ ଭୋଜନାଳୟ। ଆହୁରି ମଧ୍ୟ ଏଠାରେ ରହିଛି ୩ ମହଲା ବିଶିଷ୍ଟ ଏକ ନିରୀକ୍ଷଣ କକ୍ଷ (ୱାଚ୍‌ ଟାୱାର) ; ଯେଉଁଠାରେ ବସି ଉପଭୋଗ କରିହେବ ହୀରାକୁଦ ଜଳଭଣ୍ଡାର ଭିତରୁ  ଉଠି ଆସୁଥିବା ବାଳସୂର୍ଯ୍ୟର ଅରୁଣିମା ଅବା ସନ୍ଧ୍ୟାରେ ସବୁଜ ବନାନୀ ଭିତରେ ପାହାଡ଼ ପଛପଟେ ଅସ୍ତଗାମୀ ସୂର୍ଯ୍ୟଙ୍କ ଲୋହିତ ଆଭା। ପରବର୍ତ୍ତୀ ସମୟରେ ନେଚର୍‌ କ୍ୟାମ୍ପ ପାଖରେ ପର୍ଯ୍ୟଟକମାନଙ୍କ ପାଇଁ ଗଢି ଉଠିଛି ଆହୁରି ୮ଟି ଦୁଇ ରୁମ୍‌ ବିଶିଷ୍ଟ ପର୍ଯ୍ୟଟନ କୁଟୀର 'ବାଇସନ ବ୍ଲକ' ଏବଂ ନେଚର କ୍ୟାମ୍ପ ସାମ୍ନାରେ ରହିଛି ୩ଟି 'ଷ୍ଟାର୍‌ ଗେଜିଙ୍ଗ୍‌ କଟେଜ୍‌' ; ଯେଉଁଥିରେ ବସି ମୁକ୍ତାକାଶର ତାରା ଗଣି ହେବ।

ବିଭିନ୍ନ କଟେଜମାନଙ୍କ ପାଇଁ ଭିନ୍ନ ଭିନ୍ନ ଦେୟ ରହିଛି ; ଯେଉଁଠାରେ ରହିବା ସହ ଚା', ଜଳଖିଆ, ମଧ୍ୟାହ୍ନଭୋଜନ ଏବଂ ରାତ୍ରି ଭୋଜନର ସୁବିଧା ବି ପର୍ଯ୍ୟଟକଙ୍କୁ ପ୍ରଦାନ କରାଯାଇଥାଏ। ପର୍ଯ୍ୟଟକମାନେ ନିଜର କ୍ଷମତା ଅନୁସାରେ ଏଠାରେ ରହି ପ୍ରକୃତିର ଆନନ୍ଦ ଉପଭୋଗ କରିପାରିବେ। ତା'ସହିତ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ରହିଛି ହୀରାକୁଦ ଜଳଭଣ୍ଡାରରେ ଅଧା ଘଣ୍ଟିଆ ନିଃଶୁଳ୍କ ନୌକା ବିହାରର ମଜା। ନୌକାରେ ବସି ପର୍ଯ୍ୟଟକମାନେ ପହଞ୍ଚିଯାଆନ୍ତି ଜଳଭଣ୍ଡାର ମଧ୍ୟରେ ଥିବା ବ୍ୟାଟ୍‌ ଆଇଲ୍ୟାଣ୍ଡ୍‌ ବା ବାଦୁଡି ଦ୍ୱୀପରେ ; ଯେଉଁଠି ବଡ଼ ବଡ଼ ଗଛରେ ଲଟକି ଥାଆନ୍ତି ଶହ ଶହ ସଂଖ୍ୟକ ବାଦୁଡ଼ି। ସେହି ଦ୍ୱୀପରେ ବସବାସ କରୁଛନ୍ତି ଅଳ୍ପ କେତୋଟି ମତ୍ସ୍ୟଜୀବୀ ପରିବାର। ସେମାନଙ୍କର ବେଉସା ହେଉଛି ଦେଶୀ ଡଙ୍ଗାରେ ମାଛ ମାରିବା। ସେଠାରେ ଥିବା ଆଇଲ୍ୟାଣ୍ଡ କାଫେରେ ପର୍ଯ୍ୟଟକମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ପରଷି ଦିଆଯାଏ ମାଣ୍ଡିଆ ଚକୁଳି, ମାଛ ଭଜା ଏବଂ ଚଟଣୀ ଭଳି ଦେଶୀ ଖାଦ୍ୟ।

ଜଙ୍ଗଲ ଭିତରେ ପର୍ଯ୍ୟଟକଙ୍କ ବୁଲିବା ପାଇଁ ୩ଟି ସଫାରି ଜିପ୍‌ର ବ୍ୟବସ୍ଥା ରହିଛି। ଜଙ୍ଗଲ ଭିତରେ ନେଚର୍‌ କ୍ୟାମ୍ପଠାରୁ ଉତ୍ତର ଦିଗର ଲଖନପୁର ଯାଏଁ ମାଟି ରାସ୍ତାରେ ଯାଇ ବୁଲିହେବ କିନ୍ତୁ ତାହା ନିରାପଦ ନୁହେଁ। ବାଟରେ ଜଙ୍ଗଲି ଜନ୍ତୁଙ୍କ ହାବୁଡ଼ରେ ପଡିପାରନ୍ତି। ବରଂ ସଫାରି ଜିପ୍‌ରେ ବସି ନେଚର୍‌ କ୍ୟାମ୍ପରୁ ୧୫ କି.ମି ଦୂରରେ ଥିବା ପାର୍ବତୀ ଟୁଙ୍ଗ୍‌ ପର୍ଯ୍ୟନ୍ତ ଯାଇ ନିରାପଦରେ ବୁଲି ଜଙ୍ଗଲି ଜନ୍ତୁଙ୍କୁ ସେମାନଙ୍କ ପ୍ରକୃତ ବାତାବରଣରେ ଦେଖିହେବ। ପାର୍ବତୀ ଟୁଙ୍ଗରେ ମଧ୍ୟ ରହିଛି ଏକ ସୁଉଚ୍ଚ ନିରୀକ୍ଷଣ କେନ୍ଦ୍ର ଏବଂ ଏକ ଛୋଟ ଚା' ଜଳଖିଆ ଦୋକାନ। ସଫାରିର ଦେୟ କ୍ୟାମ୍ପର ଦେୟ ସହିତ ସଂଯୁକ୍ତ ନୁହେଁ ଏହା ଅଲଗା ଦେବାକୁ ପଡ଼େ। ଅଭୟାରଣ୍ୟର ରକ୍ଷଣାବେକ୍ଷଣରେ ସରକାରଙ୍କର ବନବିଭାଗ ସହ ସେଠାକାର ଗ୍ରାମବାସୀଙ୍କ ସହଯୋଗ ରହିଛି, ସେଥିପାଇଁ ଅଭୟାରଣ୍ୟର ଅଧିକାଂଶ କର୍ମଚାରୀ ଏବଂ ଦୋକାନୀ ଏଠାକାର ସ୍ଥାନୀୟ ଅଧିବାସୀ।






ଡେବ୍ରିଗଡ଼ ଅଭୟାରଣ୍ୟକୁ ବୁଲି ଆସିବାର ପ୍ରକୃଷ୍ଟ ସମୟ ହେଉଛି ନଭେମ୍ବରରୁ ମାର୍ଚ୍ଚ। ଶୀତଦିନେ ଅଭୟାରଣ୍ୟର ସବୁଜ ଶୋଭା, ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀଙ୍କ ସହିତ ସନ୍ନିକଟ ହୀରାକୁଦ ଜଳଭଣ୍ଡାରରେ ବହୁ ବିଦେଶୀ ପକ୍ଷୀଙ୍କର ମେଳାର ଦୃଶ୍ୟ ଦେଖିବାକୁ ବେଶ୍‌ ଅପୂର୍ବ ଲାଗେ। ସ୍ଥଳପଥରେ ଏଠାକୁ ଯାତାୟାତ କରିବା ପାଇଁ ସମସ୍ତ ସୁବିଧା ରହିଛି। ଏହାର ନିକଟତମ ରେଳଷ୍ଟେଶନ ହେଉଛି ସମ୍ବଲପୁର ରେଳଷ୍ଟେଶନ ; ଯାହା ଏଠାରୁ ପ୍ରାୟ ୪୦ କି.ମି ଦୂର ; ଯେଉଁଠାରୁ କାର୍‌, ଟ୍ୟାକ୍ସି ଯୋଗେ ଅଭୟାରଣ୍ୟକୁ ଯିବା ପାଇଁ ପ୍ରାୟ ୧ ଘଣ୍ଟା ଲାଗେ।

*-ସୁଷମା ପରିଜା, ଶାରଳା ଭବନ, ପୋତାପୋଖରୀ,*
*କଟକ-୭୫୩୦୦୪,*
*ମୋ: ୯୩୩୭୨୭୨୬୪୭*



# ସନ୍‌ଗ୍ଲାସ୍

**ଆଖିକୁ ସୁରକ୍ଷା ପ୍ରଦାନ କରିବା ସହ ଲୁକ୍‌କୁ ଷ୍ଟାଇଲିଶ୍ କରାଏ ସନ୍‌ଗ୍ଲାସ୍ । ଖରାଦିନର ସାଥୀ ଇଏ। ତେବେ ଜାଣନ୍ତି କି ଏହା ପଛର ଇତିହାସ କ’ଣ? ଜାଣନ୍ତୁ ସେ ସମ୍ପର୍କରେ...**



**ହାତୀ ଦାନ୍ତ ଓ ପଲିସ୍‌ଡ ଜେମ୍ ଥିଲା ପ୍ରଥମ ସନ୍ ଗ୍ଲାସ୍:** କିଛି ତଥ୍ୟ କହେ ପ୍ରାଗୈତିହାସିକ ଯୁଗରେ ଇନୁଇଟ ଲୋକମାନେ ସୂର୍ଯ୍ୟର କ୍ଷତିକାରକ କିରଣକୁ ରୋକିବା ପାଇଁ ଚେପଟା ହାତୀଦାନ୍ତରେ ତିଆରି ଚଷମା ପିନ୍ଧୁଥିଲେ । ଯାହାକୁ ତିଆରି କରିବା ଲାଗି ହାତୀ ଦାନ୍ତକୁ କାଟି ଦୁଇ ଆଖି ପାଇଁ ଦୁଇଟି ଚେପ୍‌ଟା ଅଣ୍ଡାକୃତି କରାଯାଉଥିଲା ଓ ତା’ ମଝିରେ କରାଯାଉଥିଲା ସରୁ ଲମ୍ବାର ଏକ ଫାଙ୍କ । ଯାହା ମଧ୍ୟ ଦେଇ ଲୋକେ ଦେଖୁଥିଲେ । ଅନ୍ୟପକ୍ଷେ ସନ୍‌ଗ୍ଲାସ୍ ବିଷୟରେ ସର୍ବପ୍ରଥମ ଐତିହାସିକ ଉଲ୍ଲେଖ ପ୍ରାଚୀନ ରୋମ ଏବଂ ଚାଇନାରୁ ମିଳେ । ରୋମର ସମ୍ରାଟ ନିରୋ ତ ପଲିସଡ୍ ଜେମ୍ ବା ପଲିସ୍ ହୋଇଥିବା ରତ୍ନ ପଥର ବା ମଣି ମାଧ୍ୟମରେ ତାଙ୍କର ପ୍ରିୟ ଗ୍ଲାଡିଏଟର ଲଢ଼େଇ ଦେଖୁଥିବା କିଛି ତଥ୍ୟ କହେ ।





**ବିଚାରପତି ବ୍ୟବହାର କରୁଥିଲେ ସ୍ମୋକି କ୍ୱାର୍ଟଜ୍‌ରେ ତିଆରି ସନ୍‌ଗ୍ଲାସ୍:** ଦ୍ୱାଦଶ ଶତାବ୍ଦୀ କିମ୍ବା ସମ୍ଭବତଃ ତା’ପୂର୍ବରୁ ଚାଇନାରେ ସନ୍‌ଗ୍ଲାସ ସାଧାରଣଭାବେ ବ୍ୟବହୃତ ହେଉଥିଲା ବୋଲି ପ୍ରମାଣ ମିଳିଛି । ଏହି ସନ୍‌ଗ୍ଲାସ୍ ମୁଖ୍ୟତଃ ଧୂଆଁଳିଆ ଦେଖାଯାଉଥିବା ତଥା ସ୍ମୋକି କ୍ୱାର୍ଟଜର ସମତଳ ପ୍ୟାନ ଥିବା ଲେନ୍ସରୁ ତିଆରି ହେଉଥିଲା । ହେଲେ ଏହି ସନ୍‌ଗ୍ଲାସ୍ କୌଣସି ସଂଶୋଧନାତ୍ମକ ଶକ୍ତି ପ୍ରଦାନ କରୁ ନ ଥିଲା କି ଏଗୁଡ଼ିକ ସୂର୍ଯ୍ୟର ଅତିବାଇଗଣୀ ରଶ୍ମିରୁ ସୁରକ୍ଷା ପ୍ରଦାନ କରୁ ନ ଥିଲା । କିନ୍ତୁ ଚକ୍ଷୁକୁ ଗ୍ଲେର୍ ବା ଚମକରୁ ରକ୍ଷା କରୁଥିଲା । ପ୍ରାଚୀନ ଦସ୍ତାବିଜଗୁଡ଼ିକରେ ବର୍ଣ୍ଣନା ରହିଛି ଯେ, ପ୍ରାଚୀନ ଚାଇନାର କୋର୍ଟରେ ବିଚାରପତିମାନେ ସାକ୍ଷୀମାନଙ୍କୁ ପଚରାଉଚରା କରିବା ସମୟରେ ସେମାନଙ୍କର ମୁହଁର ଭାବକୁ ସମ୍ପୂର୍ଣ୍ଣ ଲୁଚାଇବା ପାଇଁ ଏପରି କ୍ରିଷ୍ଟାଲ ବା ସ୍ଫଟିକ ସନ୍‌ଗ୍ଲାସ୍ ବ୍ୟବହାର କରୁଥିଲେ ।

**ରଙ୍ଗିନ ଲେନ୍ସର ବ୍ୟବହାର ଆରମ୍ଭ:** ୧୭୫୨ ମସିହାରେ ଜେମ୍ସ ଆୟସ୍କୋ ଚଷମାରେ ରଙ୍ଗିନ ଲେନ୍ସ ସହିତ ପରୀକ୍ଷଣ ଆରମ୍ଭ କରିଥିଲେ । ତାଙ୍କର ସମ୍ପୂର୍ଣ୍ଣ ଦୃଢ଼ ବିଶ୍ୱାସ ଥିଲା ଯେ ନୀଳ କିମ୍ବା ସବୁଜ ରଙ୍ଗର କାଚ ନିର୍ଦ୍ଦିଷ୍ଟ କିଛି ଦୃଷ୍ଟି ଦୁର୍ବଳତାକୁ ସଂଶୋଧନ କରିପାରିବ ।

**ବଢ଼ିଲା ସନ୍‌ଗ୍ଲାସ୍‌ର ଲୋକପ୍ରିୟତା:** ଊନବିଂଶ ଏବଂ ବିଂଶ ଶତାବ୍ଦୀରେ ସିଫିଲିସ ଥିବା ବ୍ୟକ୍ତିମାନଙ୍କ ପାଇଁ ସାଧାରଣଭାବେ ହଳଦିଆ-ଅମ୍ବର ଏବଂ ମାଟିଆ ରଙ୍ଗର ସନ୍‌ଗ୍ଲାସ ପ୍ରେସ୍କ୍ରାଇବ୍ କରାଯାଉଥିଲା । କାରଣ ଏହି ରୋଗର ବିଭିନ୍ନ ଲକ୍ଷଣ ମଧ୍ୟରୁ ଗୋଟିଏ ଲକ୍ଷଣ ଥିଲା ଆଲୋକ ପ୍ରତି ସମ୍ବେଦନଶୀଳତା ।



ଊନବିଂଶ ଶତାବ୍ଦୀରେ, ସନ୍‌ଗ୍ଲାସ୍‌ର ବ୍ୟବହାର ଅଧିକ ବ୍ୟାପକ ହୋଇଥିଲା, ବିଶେଷକରି ଚଳଚ୍ଚିତ୍ର ତାରକାମାନଙ୍କ ମଧ୍ୟରେ ଏହାର ବ୍ୟବହାର ବଢିଥିଲା ।

**ପୋଲାରାଇଜ୍‌ଡ ସନ୍‌ଗ୍ଲାସ୍‌ର ଆରମ୍ଭ:** ୧୯୨୯ ମସିହାରେ ସାମ ଫୋଷ୍ଟର ଆମେରିକାରେ ଚଷମା ପ୍ରଚଳନ କରିବା ପରେ ବହୁଳ ପରିମାଣରେ ଓ ଶସ୍ତାରେ ସନ୍‌ଗ୍ଲାସ୍ ଉତ୍ପାଦନ ଆରମ୍ଭ ହୋଇଥିଲା । ଫୋଷ୍ଟର ନ୍ୟୁଜର୍ସିର ଆଟଲାଣ୍ଟିକ ସିଟି ବେଳାଭୂମିରେ ‘ଫୋଷ୍ଟର ଗ୍ରାଣ୍ଟ’ ନାମରେ ତାଙ୍କର ଚଷମା ବିକ୍ରି କରିଥିଲେ । ସୂର୍ଯ୍ୟର କ୍ଷତିକାରକ କିରଣରୁ ଲୋକଙ୍କ ଆଖିକୁ ସୁରକ୍ଷା ଦେବା ପାଇଁ ଏହି ସନ୍‌ଗ୍ଲାସ୍ ତିଆରି କରାଯାଇଥିଲା । ୧୯୩୬ ମସିହାରେ ପ୍ରଥମେ ପୋଲାରାଇଜ୍‌ଡ ସନଗ୍ଲାସ୍ ଉପଲବ୍ଧ ହେଇଥିଲା । ଆଉ ଏହା ସେତେବେଳେ ଆରମ୍ଭ ହେଲା ଯେବେ ଏଡୱିନ ଏଚ. ଲ୍ୟାଣ୍ଡ ସନ୍‌ଗ୍ଲାସ ତିଆରି କରିବା ପାଇଁ ତାଙ୍କର ପେଟେଣ୍ଟ ହୋଇଥିବା ପୋଲାରଏଡ ଫିଲ୍ଟର ବ୍ୟବହାର କରିବା ଆରମ୍ଭ କଲେ ।

**ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସନ୍‌ଗ୍ଲାସ୍:** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସନ୍‌ଗ୍ଲାସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । କାରଣ ସେ ସମୟରେ ପୋଲରାଇଜେସନ ବ୍ୟବହାର କରି ରେ’ ବାନ ସନ୍‌ଗ୍ଲାସ୍ ତିଆରି କରିବା ଆରମ୍ଭ କରିଥିଲା ।

**ଏଭିଏଟର୍ ସନ୍‌ଗ୍ଲାସ୍:** ୧୯୩୭ ମସିହାରେ ଯେବେ ରେ’ ବାନର ଏଭିଏଟର୍ ସନଗ୍ଲାସ ସାଧାରଣ ଲୋକଙ୍କ ପାଇଁ ବିକ୍ରୟ ହେବା ଆରମ୍ଭ ହେଲା ସେତେବେଳେ ସେଲିବ୍ରିଟି ଏବଂ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଏହା ଅତ୍ୟନ୍ତ ଲୋକପ୍ରିୟ ହୋଇଗଲା । ଆଜିକାଲି, ଅତିବାଇଗଣୀ ରଶ୍ମିରୁ ସୁରକ୍ଷା ପ୍ରଦାନ କରୁଥିବା ସନ୍‌ଗ୍ଲାସ୍ ଏକ ଶିଳ୍ପର ମାନକ ପାଲଟିଛି । ଷାଠିଏ ଦଶକରେ ସନ୍‌ଗ୍ଲାସ୍ ଫ୍ୟାଶନ୍‌ର ଏକ ଅଭିନ୍ନ ଅଙ୍ଗ ପାଲଟିଗଲା । ଏହାପରେ ପ୍ରତିବର୍ଷ ସନ୍‌ଗ୍ଲାସ୍‌ର ଷ୍ଟାଇଲ୍ ପରିବର୍ତ୍ତନ ହେଉଛି । ଫଳରେ ଏହା ସମସ୍ତଙ୍କ ପ୍ରିୟ ପାଲଟିଛି ।

# ପାଣି ପିଉଛି ରାସ୍ତା

**ଭା**ରତରେ ବର୍ଷାଋତୁ ଆସିବା ମାତ୍ରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହେଇଯାଏ। ଏହା ବାଦ୍ କିଛି ସଡ଼କ ତ ଏଭଳି ଭାବେ ତିଆରି ହୋଇଥାଏ ଯେ, ଖୁବ୍ କମ୍ ଦିନରେ ଭାଙ୍ଗିଯାଏ। ପୁଣି ତାକୁ ତିଆରି କରାଯାଏ। ଏମିତି ବର୍ଷତମାମ କେଉଁଠି ନା କେଉଁଠି ରାସ୍ତା କାମ ଚାଲିଥାଏ। ଏଭଳି ହେବା ପଛର କାରଣ ଅନେକାଂଶରେ ପ୍ରପର୍ ଡ୍ରେନେଜ୍ ସିଷ୍ଟମ ନ ଥିବା ଅବା ଖରାପ ସାମଗ୍ରୀର ବ୍ୟବହାର ହୋଇଥାଏ । ଏହି ସମସ୍ୟାକୁ ନଜରରେ ରଖି ଜର୍ମାନୀର ଇଞ୍ଜିନିୟରମାନେ ତିଆରି କରିଛନ୍ତି ଏଭଳି ଏକ ରାସ୍ତା ଯାହା ଉପରେ ଯେତେ ପାଣି ପକାଇଲେ ବି ତାହା ସଙ୍ଗେ ସଙ୍ଗେ ଶୁଖିଯାଏ । ଲାଗେ ସତେ ଯେମିତି ଏହି ରାସ୍ତା ବର୍ଷ ବର୍ଷ ଧରି ତୃଷାର୍ତ୍ତ ଅଛି। ଏହା ଏତେ ତୃଷାର୍ତ୍ତ ଯେ, କ୍ଷଣକ ଭିତରେ ଗ୍ୟାଲନ ଗ୍ୟାଲନ ପାଣି ଶୋଷି ନିଏ। ଏହି କାରଣରୁ ଯେତେବର୍ଷା ହେଲେ ବି ଏହି ରାସ୍ତାରେ ପାଣି ଜମେ ନାହିଁ। ଫଳରେ ରାସ୍ତାରେ ଖାଲଖମା ହେବାର ସମସ୍ୟା ଦେଖା ଦିଏନା। ଏହି ରାସ୍ତାରେ ପାଣି ଅବଶୋଷିତ ହୋଇ ଭିତରକୁ ଚାଲିଯାଏ । କାରଣ ଗ୍ରାନାଇଟ୍ ଗୁଣ୍ଡରେ ଏହି ରାସ୍ତା ତିଆରି କରାଯାଇଛି। ଫଳରେ ରାସ୍ତା ବହୁତ ହାଲୁକା ଓ ସ୍ମୁଥ ହୋଇଥାଏ। ତା’ସହ ପାଣି ସିଧା ଅଣ୍ଡରଗ୍ରାଉଣ୍ଡକୁ ଚାଲିଯାଏ । ତେଣୁ ଭୂଗର୍ଭର ଜଳସ୍ତର ସନ୍ତୁଳିତ ରହେ। ଜର୍ମାନୀର ଇଞ୍ଜିନିୟରଙ୍କର ଏହି କମାଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଏଭଳି ରାସ୍ତା ଯଦି ସାରା ଭାରତରେ ହୋଇଯାଆନ୍ତା ତେବେ ପାଣିଜମି ହୋଇ ରାସ୍ତାରେ ଖାଲଖମା ହୁଅନ୍ତା ନାହିଁ, ବରଂ ଭୂଗର୍ଭର ଜଳସ୍ତର ସନ୍ତୁଳିତ ରହନ୍ତା ।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଦେବତା, ଭଗବାନ୍ ଓ ଈଶ୍ୱର

(ଭାଗ-୧୦)

ଗତ ସ୍ତମ୍ଭରେ ଶରୀର ଭିତରେ କିପରି ଦିନ ରାତି ହେଉଛି, ସେ ବିଷୟରେ ଆମେ ଆଲୋଚନା କରୁଥିଲେ । ଇଏ ଏମିତି କିଛି କଠିନ ସାଧନା ନୁହେଁ ଯେ ମଣିଷ ଏହାକୁ ଜାଣିପାରିବ ନାହିଁ । ଗୋଟିଏ ଛୋଟ ଛୁଆକୁ କୌଶଳ ଶିଖାଇ ଦିଆଗଲେ ସେ ନାକ ପୁଡାକୁ ପରୀକ୍ଷା କରି ଜାଣି ପାରିବ ଯେ ତା' ଶରୀର ଭିତରେ ଦିନ ହୋଇଛି କି ରାତି ହୋଇଛି ।

ଏ ତତ୍ତ୍ୱକୁ ସବୁ ମଣିଷ ଜାଣିବା ଉଚିତ । ବଣର ପଶୁ ପକ୍ଷୀମାନେ ଏହାକୁ ଜାଣି ପାରିବେ କି ? ଆଦୌ ନୁହେଁ । ମଣିଷ ଜୀବନ ପାଇ ଗୁରୁଙ୍କଠାରୁ ଏ ବିଦ୍ୟାତକ ନ ଶିଖିଲେ, ମଣିଷ ଜନ୍ମରେ କି ଲାଭ ? ବହୁତ ବ୍ୟକ୍ତି ଏ ବିଷୟରେ ଅଜ୍ଞ । ଏପରିକି ନିଜକୁ ଜ୍ଞାନୀ ବା ବିଦ୍ୱାନ୍ ବୋଲାଉଥିବା କିଛି ବ୍ୟକ୍ତିଙ୍କୁ ଏ ବିଷୟରେ ଜଣା ନ ଥାଏ ।

ଏବେ ପ୍ରଶ୍ନ ଉଠିବ ଏହାକୁ ଜାଣିଲେ ଲାଭ କ'ଣ ? ନ ଜାଣିଲେ କ୍ଷତି କ'ଣ ? ହଁ, ଏ କଥାଟିକୁ ଜାଣିରଖିବା ଦରକାର । ପରମାତ୍ମାଙ୍କ ଅହେତୁକ କୃପାରୁ ଆମକୁ ଏ ମଣିଷ ଶରୀରଟି ମିଳିଛି । ଏ ଶରୀର ଭିତରେ କ'ଣ କ'ଣ ଘଟୁଛି ତାହା ଆମର ଜାଣିବା ଜରୁରୀ ନୁହେଁ କି ନା ? ଯେଉଁମାନେ ବେହୋସପୂର୍ଣ୍ଣ ଜୀବନ ଜିଉଥାନ୍ତି ବା ପଶୁପକ୍ଷୀଙ୍କ ପରି ଜୀବନ ବଞ୍ଚନ୍ତି, ସେମାନଙ୍କ ପାଇଁ ଶରୀରଟା ଏକ ଖେଳଣା ସଦୃଶ । ଖାଇବା ପିଇବା, ମଉଜମସ୍ତି କରିବା – ଏହା ଅଜ୍ଞଲୋକଙ୍କର ଲକ୍ଷ୍ୟ ହୋଇଥାଏ । ଶରୀର କ'ଣ, ଏହା କେଉଁଠୁ ଆସିଛି, ଏହାକୁ ଉପଯୋଗ କରି କେଉଁ ଲାଭ ଅର୍ଜନ କରାଯାଏ, ସେଥିରେ ଏ ମୂର୍ଖମାନଙ୍କର କିଛି ନେଣଦେଣ ନ ଥାଏ ।

ତେବେ ଯାହା ହେଉ ଶରୀର ଭିତରେ ହେଉଥିବା ଦିନ ରାତି ବିଷୟରେ ଜାଣିଲେ ମନୁଷ୍ୟର ବହୁ ଲାଭ ହୋଇଥାଏ । ପ୍ରଥମତଃ ଭୋଜନ । ମଣିଷ କେତେବେଳେ ଭୋଜନ କରିବା ଉଚିତ ? ଏହାର ଉତ୍ତର ଆସିବ– ଆରେ ଭାଇ, ଯେତେବେଳେ ଭୋକ କରିବ ଖାଇବ । ନାଇଁ ଆଜ୍ଞା । ଏ ଉତ୍ତର ଠିକ୍ ନୁହେଁ । ଭୋଜନ ପାଇଁ ସ୍ୱତନ୍ତ୍ର ସମୟ ଅଛି । ଆମେ ପଶୁପକ୍ଷୀ ନୁହଁ ଯେ ଯୋଉ ସମୟରେ ଯାହା ମିଳିଲା ପାଟିରେ ପକାଇଦେବା । ଏଇ ଖାଇବା ସମୟକୁ ନେଇ ଆମ ଶାସ୍ତ୍ରମାନଙ୍କରେ ଏମିତି ନିୟମ ମାନ ଲେଖା ହୋଇଛି ଯେ ତାକୁ ପଢ଼ିଲେ ଗୋଟିଏ ସାଧାରଣ ବ୍ୟକ୍ତିର ମୁଣ୍ଡ ଖରାପ ହୋଇଯାଏ । ସେ କେଉଁ ନିୟମକୁ ପାଳନ କରିବ, କାହା କଥାକୁ ମାନିବ, ଏମିତି ଏକ ଗୋଲକଧନ୍ଦାରେ ମଣିଷ ପଡ଼ିଯାଏ । ଅନେକେ ମତ ଦିଅନ୍ତି ଯେ ଶଯ୍ୟାତ୍ୟାଗ କରିବାର ଅଧ ଘଣ୍ଟା ଭିତରେ ପ୍ରାତଃ ଭୋଜନ କରିନେବା ଜରୁରୀ । ମଧ୍ୟାହ୍ନ ଭୋଜନ ଗୋଟାଏରୁ ଦୁଇଟା ଭିତରେ । ରାତ୍ର ଭୋଜନ ଆଠଟା ପୂର୍ବରୁ । ମଧୁମେହ ରୋଗୀମାନଙ୍କ ପାଇଁ ନିୟମ କରି ଅନେକ ଚିକିତ୍ସକଙ୍କର ମତ ଅଲଗା । ସେମାନେ ନିଜ ରୋଗୀଙ୍କ ପାଇଁ ଅଲଗା ଏକ ସମୟ ସାରଣୀ ପ୍ରସ୍ତୁତ କରିଥାନ୍ତି । ସକାଳ ଭୋଜନ ୮ ରୁ ୮.୩୦, ମଧ୍ୟାହ୍ନ ଭୋଜନ ୧୨ରୁ ୧୨ ଟା ୩୦, ଅପରାହ୍ନ ୫ ଟାରେ କିଛି ସାମାନ୍ୟ ଜଳ ଯୋଗ ଏବଂ ରାତ୍ର ଭୋଜନ ୯ ଟା ୩୦ରୁ ୧୦ ଟା ଭିତରେ । ଅନେକ ସନ୍ଥ ରାତ୍ର ଭୋଜନକୁ ବାରଣ କରି କୁହନ୍ତି ଯେ ବୟସ ୪୦ ଟପିବା ମାତ୍ରେ ରାତ୍ର ଭୋଜନ ମନା । ଯାହା ଭୋଜନ କରିବା କଥା ସୂର୍ଯ୍ୟାସ୍ତ ପୂର୍ବରୁ କରିଦେବା ଉଚିତ । ରାତ୍ରିରେ ଭୋଜନ ଉଚିତ ନୁହେଁ । ଆପଣମାନେ ଦେଖନ୍ତୁ, ପଶୁ ପକ୍ଷୀମାନେ କେହି ରାତିରେ ଭୋଜନ କରନ୍ତି କି ? ଦିନସାରା ବୁଲାବୁଲି କରି ଯାହା ଖାଇବା କଥା ଖାଇଲେ । ସନ୍ଧ୍ୟା ହେବା ମାତ୍ରେ ବସାକୁ ଫେରିଲେ । ରାତ୍ରିରେ ଖାଇବା ମନା । ଫଳ ସ୍ୱରୂପ ସେମାନେ କେବେ ରୋଗବ୍ୟାଧିରେ ପଡ଼ନ୍ତି ନାହିଁ କି କେଉଁ ଡାକ୍ତରଙ୍କ ଦୁଆରେ ମୁଣ୍ଡ ଗଡ଼ାନ୍ତି ନାହିଁ । ମହିମା ସମ୍ପ୍ରଦାୟ ସାଧୁମାନଙ୍କର ସମାନ ନିୟମ । ଯାହା ଭୋଜନ କରିଥିବେ ଦିନରେ । ସନ୍ଧ୍ୟା ପୂର୍ବରୁ କ'ଣ ଟିକେ ପ୍ରସାଦ କରିଦେବେ । ବାକି ରାତିସାରା ଓପାସ । ଏମିତି ହେବାଦ୍ୱାରା ସେମାନଙ୍କୁ ରୋଗ ବ୍ୟାଧି ଟିକେ କମ୍ ହେବାର ଦେଖାଯାଏ । କେତେଜଣ ସାଧୁସନ୍ଥ ରାତ୍ରିରେ ଗ୍ଲାସେ କ୍ଷୀର କିମ୍ବା ଗୋଟିଏ ସେଓ ବା କିଛି ଫଳରେ କାମ ଚଳେଇ ଦିଅନ୍ତି । ଆଉ ଆମେ ଯେଉଁମାନେ ମଣିଷ ରହିଲୁ ଦିନ ଅପେକ୍ଷା ରାତିରେ ବହୁତ ଖାଉ । ଯଦି କେଉଁଦିନ କିଛି ବିବାହ କିମ୍ବା ଭୋଜି ପଡିଗଲା ତେବେ ଆକଣ୍ଠ ଏତେ ଗିଳି ପକାଉ ଯେ ଚାଲିବାକୁ ବା ବସିବାକୁ ଆଉ ଗୋଟିଏ ସହାୟକର ଆବଶ୍ୟକତା ଅନୁଭବ କରୁ । ଆଉ ତ କେତେ ମଣିଷ ଥାଆନ୍ତି ଯେ ରାତିରେ ନାକ ଯାଏ ଡେଣ୍ଟି ଦେଇ ତ୍ରିପଟା ଛନ୍ଦରେ ପାଦକୁ ପକାଇ ଘରକୁ ଫେରନ୍ତି । ସେମାନଙ୍କୁ ମୁଁ କହେ 'ମଣିଷ ପଶୁ' । ମଣିଷ ଜନମ ପାଇଛନ୍ତି ସତ, କିନ୍ତୁ ସାକ୍ଷାତ୍ ପଶୁ ।

ଆମ ମହାତ୍ମାମାନେ ଆମମାନଙ୍କର ଖାଇବା ବ୍ୟବସ୍ଥାକୁ ନେଇ ଏକ ସୁନ୍ଦର ନିୟମ କରିଛନ୍ତି । ଏହାକୁ ସମସ୍ତେ ମାନିବା ଉଚିତ । କ'ଣ ସେ ନିୟମ ? ସେ ନିୟମଟିକୁ ଭଲକରି ଜାଣି ରଖନ୍ତୁ ପାଠକେ । କେବଳ ତତ୍ତ୍ୱ କଥା ଆଲୋଚନା କଲେ ହେବନି । ଆରେ ଭାଇ ଶରୀରଟା ରହିଲେ ସିନା ଆପଣ ଗୀତା ଭାଗବତ ପଢିବେ କିମ୍ବା ଆଲୋଚନା କରିବେ । ଯଦି ଶରୀରଟା ରୋଗବ୍ୟାଧିରେ ବୁଡିରହିଲା ତେବେ କି ଧ୍ୟାନ କରିବେ ? କି ସାଧନା କରିବେ ? ତେଣୁ ମଣିଷ ଶରୀର ପ୍ରତି ଯତ୍ନବାନ୍ ହେବା ନିତାନ୍ତ ଜରୁରୀ । ତେବେ ମନୁଷ୍ୟର ଭୋଜନ ନିମନ୍ତେ ଯାହା ନିୟମଟି ରଖାଯାଇଛି, ତାହା ହେଉଛି– ସକାଳେ ଖାଇବ ରାଜାଙ୍କ ପରି – ଦିନରେ ଖାଇବ ଜମିଦାରଙ୍କ ପରି ଏବଂ ରାତ୍ରିରେ ଖାଇବ ଦରିଦ୍ରଙ୍କ ପରି । ସକାଳେ ରାଜାଙ୍କ ପରି ଭୋଜନ କରିବ । ସକାଳ ଖାଇବାକୁ ଇଂଲିଶରେ କୁହାଯାଏ ପ୍ରିନ୍ସିପାଲ ମିଲ୍ ବା ମୁଖ୍ୟ ଖାଦ୍ୟ । ଦିନ ସାରା ଆପଣ ଯେତେ ପୁଷ୍ଟିକାରକ ଖାଦ୍ୟ ଖାଆନ୍ତୁ ନା କାହିଁକି କିନ୍ତୁ ସକାଳେ ଆପଣ ଯାହା ଏବଂ ଯେତିକି ଖାଇଥିବେ ତାହା ହିଁ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ସେଥିପାଇଁ ସକାଳେ ରାଜାଙ୍କ ପରି ଖାଇବା ପାଇଁ କୁହାଯାଇଛି । ଆପଣ ଭାବିଲେ, ଜଣେ ରାଜା ଯେତେବେଳେ ଭୋଜନ କରିବେ ସେତେବେଳେ କ'ଣ ଗୋଟିଏ ଦୁଇଟି ବ୍ୟଞ୍ଜନରେ ଚଳିବ କି ? ଆଦୌ ନା । ନିହାତି ପନ୍ଦର କୋଡିଏ ବା ଅଧିକ ପ୍ରକାର ଆଇଟମ ହେବ । ତେଣୁ ଆମ ସମସ୍ତଙ୍କର ସକାଳ ଭୋଜନଟି ଟିକେ ଓଜନଦାର ହେବା ଉଚିତ । ଦଶ ପନ୍ଦର ପ୍ରକାର ବ୍ୟଞ୍ଜନ ନ ହୋଇପାରେ କିନ୍ତୁ ଯାହା ଖାଇବା ତାହା ଟିକେ ପୁଷ୍ଟିକାରକ ହେବା ଜରୁରୀ ।

ଦିନରେ ଖାଇବ ଜମିଦାରଙ୍କ ପରି । ଜମିଦାରଙ୍କ ଭୋଜନଟି ଯାହା ହେଲେ ରାଜାଙ୍କ ଭୋଜନଠାରୁ ଟିକେ କମ୍ ରହିବ । ଏହାର ଅର୍ଥ ମଧ୍ୟାହ୍ନ ଭୋଜନଟି ସକାଳ ଭୋଜନ ଅପେକ୍ଷା ଟିକେ କମ୍ ଗୁରୁତ୍ୱପୂର୍ଣ୍ଣ ରହିବା ଉଚିତ । ଆମେ କିନ୍ତୁ ସକାଳ ଭୋଜନକୁ ଚା ପାଣି ଆଦିରେ ଚଳାଇ ଦେଇ ମଧ୍ୟାହ୍ନ ଭୋଜନକୁ ବେଶି ଗୁରୁତ୍ୱ ଦେଉ । କିନ୍ତୁ ନା । ସେମିତି କରିବା ଆଦୌ ଉଚିତ ନୁହେଁ । ଆପଣ ଜାଣି ରଖନ୍ତୁ ଯେ ସକାଳ ଭୋଜନକୁ ଇଂଲିଶରେ କୁହାଯାଏ – ବ୍ରେକ୍‌ଫାଷ୍ଟ । ଆମ ଫାଷ୍ଟିଙ୍ଗ ଅର୍ଥାତ୍ ଉପବାସ ( ରାତିସାରା କିଛି ଖାଇ ନ ଥିଲେ )ଟି ଏଇ ସମୟରେ ବ୍ରେକ୍ ବା ଭଙ୍ଗ ହୁଏ । ରାତ୍ରିର ଉପବାସଟି ସକାଳେ ଭଙ୍ଗ ହେଉଥିବା ପରିପ୍ରେକ୍ଷୀରେ ସକାଳ ଭୋଜନଟି ତାଜା ଏବଂ ଅଧିକ ହେବା ଜରୁରୀ ।

ତା' ପରେ ଆସିବ ରାତ୍ରି ଭୋଜନ । ରାତ୍ରି ଭୋଜନ ଟି 'ଦରିଦ୍ରଙ୍କ ପରି ହେବା ଉଚିତ । ଦରିଦ୍ରଙ୍କ ପରିର ଅର୍ଥ ହେଉଛି ରାତ୍ର ଭୋଜନ ଉପରେ ଆଦୌ ଗୁରୁତ୍ୱ ଦେବା ଉଚିତ ନୁହେଁ । ଯାହା ମିଳିଲା କ'ଣ ଟିକେ ପାଟିରେ ଦେଇଦେଲେ କାମ ସରିଲା । ଆମେ କିନ୍ତୁ କରୁ ଓଲଟା । ରାତିରେ ଢୋଲ ଭର୍ତ୍ତି କରି ଭଲ କରି ଖାଉ । ରାତିରେ ଭୋଜନ କରିବାର ସମୟ ଠିକ୍ ନ ଥାଏ । କେତେବେଳେ ଆଠ କି ଦଶ । ଏପରିକି କେହି କେହି ରାତି ୧୨ରେ ଭୋଜନ କରନ୍ତି । ବିବାହ ବରଯାତ୍ରୀ ଭୋଜି ପଡିଗଲେ ପାଞ୍ଚ କିମି ଶୋଭାଯାତ୍ରାରେ ନାଚି ନାଚି ଯାଇ କନ୍ୟା ଘରେ ପହଞ୍ଚିବା ବେଳକୁ ରାତି ଦୁଇ କିମ୍ବା ତିନି ବାଜିଯାଇଥାଏ । ତା' ପରେ ଭୋଜନ । ଏ ପ୍ରକାରର ଭୋଜନ ଶରୀର ପାଇଁ ଯାହା ଲାଭଦାୟକ ହେଉଥିବ ଯେ ଛାଡ଼ । ସୁଦ୍ଧୁ ରାକ୍ଷସିଆ ଭୋଜନ ।

ସମୟ ଅନୁସାରେ ରାତ୍ର ଭୋଜନ କରିବାକୁ ନେଇ ମଧ୍ୟ ତିନି ପ୍ରକାରର ଭୋଜନ ଅଛି । ଦେବ ଭୋଜନ, ମାନବ ଭୋଜନ ଏବଂ ଅସୁର ଭୋଜନ । ସୂର୍ଯ୍ୟାସ୍ତ ପୂର୍ବରୁ କିମ୍ବା ରାତ୍ରି ଆଠଟା ପୂର୍ବରୁ ଭୋଜନ କଲେ ତାହା 'ଦେବ ଭୋଜନ' । ରାତ୍ରି ଆଠରୁ ଦଶ ଭିତରେ ଭୋଜନ କଲେ 'ମନୁଷ୍ୟ ଭୋଜନ' । ରାତି ଦଶଟା ପର ଭୋଜନକୁ 'ଅସୁର ଭୋଜନ' କୁହାଯାଏ ।

ଆମେ ପୁଣି ମୂଳକଥାକୁ ଫେରିବା । ବର୍ତ୍ତମାନ ପର୍ଯ୍ୟନ୍ତ ଭୋଜନର ସମୟକୁ ନେଇ ଆମେ ଯାହା ଆଲୋଚନା କଲେ ସେ 'ସମୟ' ହେଉଛି ବାହ୍ୟ ଦୁନିଆର ସମୟ । ଶରୀର ଭିତରେ ପ୍ରକୃତରେ କେଉଁ ସମୟରେ ଭୋଜନ କରଣୀୟ ବା କରିବା ଉଚିତ, ସେ କଥା ଖୁବ୍ କମ୍ ଆଲୋଚନା ହୁଏ । ଶରୀର ଭିତରେ ଦିନ ହେଉଛି । ରାତି ହେଉଛି । ତେବେ ଆମେ ଦିନରେ ଖାଇବା ନା ରାତିରେ ଖାଇବା ? – ଏକଥାଟିକୁ ଖୁବ୍ କମ୍ ଲୋକ ଜାଣିଥାନ୍ତି ।

ପାଠକେ ! ଶରୀର ଭିତରେ ଯେତେବେଳେ'ଦିନ' ହୋଇଥିବ, ଠିକ୍ ସେଇ ସମୟରେ ହିଁ ଭୋଜନ ଗ୍ରହଣ କରିବା ଉଚିତ । ଏ ସମୟରେ ଭୋଜନ କଲେ ଶରୀର ସୁସ୍ଥ ରୁହେ । ଭଲ ହଜମ ହୁଏ । ଶରୀରରେ ରୋଗବ୍ୟାଧି ହୁଏନା । ଶରୀର ଭିତରେ 'ରାତ୍ରି' ହୋଇଥିଲେ ଖାଦ୍ୟ ଗ୍ରହଣ କଲେ ଭୟଙ୍କର ରୋଗମାନ ସୃଷ୍ଟି ହୁଏ । ଏହା ମନଗଢ଼ା କଥା ନୁହେଁ । ବେଦ ବେଦାନ୍ତର ସାର କଥା ଇଏ ।


ଶରୀରରେ ଦିନ– ରାତି କେତେବେଳେ ହୁଏ ସେ କଥା ପୂର୍ବ ଲେଖାରେ ବର୍ଣ୍ଣନା କରାଯାଇଥିଲା । ସେଇ ଅନୁସାରେ ତନଖି କରି ଭୋଜନ କଲେ ରୋଗବ୍ୟାଧି ପାଖ ପଶିପାରିବ ନାହିଁ ।

*– ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦା, କଟକ*
*ମୋ:୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ମଧୁଗୀତି

**ବିଦ୍ୟା ପବ୍ଲିଶିଙ୍ଗ୍ , ପ୍ରକାଶକ– ତନ୍ମୟ ପଣ୍ଡା, ସୁନନ୍ଦା ମିଶ୍ର ପଣ୍ଡା**
**ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍, ଟରେଣ୍ଟୋ, କାନାଡା, ମୂଲ୍ୟ– ୨୦୦ ଟଙ୍କା**




ପୁସ୍ତକକୁ ସମ୍ପାଦନା କରିଛନ୍ତି ଡ. ବାସନ୍ତୀ ମହାନ୍ତି । ଲେଖାଗୁଡିକ ମଧୁସୂଦନ ଦାସଙ୍କର । ଯିଏ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବିଦ୍ୟାଧର ପାଟଣାରେ ଜନ୍ମଗ୍ରହଣ କରିଥିଲେ । ପୁସ୍ତକର ପ୍ରଥମ ଭାଗରେ କାବ୍ୟ, ୨ୟ ଭାଗରେ ଗୀତି କବିତା ରହିଛି । ବହିରେ ୪ଟି କାବ୍ୟ ଥିବା ବେଳେ ୨୮ ଗୀତି କବିତା ରହିଛି । ସମସ୍ତ ଲେଖା ପୁରାଣ ଭିତ୍ତିକ । ଲେଖକ ମଧୁସୂଦନ ନିଜକୁ ଜଣେ ଦାସ ବୋଲି ଈଶ୍ୱରଙ୍କ ନିକଟରେ ସମର୍ପି ଦେଇ ଚରଣାଶ୍ରୀତ ହୋଇଛନ୍ତି । ଦୀର୍ଘ ବର୍ଷ ପରେ ଲେଖିକା ଡ.ମହାନ୍ତି ଲେଖାଗୁଡିକୁ ସଂଗ୍ରହ କରି ସମ୍ପାଦନା କରିଛନ୍ତି । ସେଥିପାଇଁ ଧନ୍ୟବାଦାର୍ହ । ପୁସ୍ତକଟି ପୁରାଣ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତି ଏବଂ ଗାୟକମାନଙ୍କ ଲାଗି ନିଶ୍ଚୟ ଉପାଦେୟ ହେବ ।

### ଅଉ ଏକ ଆମ୍ରପାଲି

**ଡକ୍ଟର ସୁଲେଖା ମିଶ୍ର, ପ୍ରକାଶକ– କମଳ ବୁକ୍ ଏଜେନ୍ସି**
**ବାଦାମବାଡି, କଟକ, ମୂଲ୍ୟ– ୨୮୦ଟଙ୍କା**

ଉପନ୍ୟାସଟି ଦେବଦାସୀ ପରମ୍ପରାର ଏକ ଦୁର୍ଲଭ ଅନୁଭବ । ଯାହା ଲୀଳାମୟ ଜଗନ୍ନାଥଙ୍କ କୃପାରୁ ସମ୍ଭବ ହୋଇପାରିଛି । ପ୍ରତିଟି ଅନୁଭବ ତାଙ୍କରି ଇଚ୍ଛା ଆଉ ଆନୁଗତ୍ୟ । ଦେବଦାସୀ ପରମ୍ପରା ଆଜି ସିନା ହଜିଯାଇଛି, ବିଲୁପ୍ତ ହୋଇଛି । ଏହା କେତେ ମାତ୍ରାରେ ଠିକ୍ ବା ଭୁଲ ତାହା ସମୟ କହିବ । ନାରୀ ଜାଗୃତି ନାଁରେ ବଳାତ୍କାର ବଢି ଚାଲିଛି । ନାରୀ ସ୍ୱାତନ୍ତ୍ରତା ଚାପି ହୋଇଯାଇଛି । ଦେବଦାସୀ ପରମ୍ପରା ଲୋପ ପାଇବାକୁ ବସିଲାଣି । ଆଉ କେହି ସେ ବୃତ୍ତି ଆପଣେଇବାକୁ ଇଚ୍ଛା କରୁ ନାହାନ୍ତି । ଆଧୁନିକତାର ଛାପରେ ସମସ୍ତେ ମଜିଥିବା ବେଳେ ଦେବଦାସୀ ପରମ୍ପରା ବୁଡିଯାଇଛି । ଉପନ୍ୟାସଟି ନାରୀ ଜାଗରଣ ଉପରେ ଲେଖାଯାଇଛି । ଯାହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।



# ଷ୍ଟ୍ରଲର୍ ମାରାଥନ୍

**ମା**ରାଥନ୍ ଦୌଡ଼ିବା ଭାରି କଷ୍ଟକର। ଏଥିପାଇଁ ଖୁବ୍ ଷ୍ଟାମିନା ସହ ଧୈର୍ଯ୍ୟ ଜରୁରୀ। ଏମିତି କ୍ଷେତ୍ରରେ ଆମେରିକାର ଚାଡ୍ କାମ୍ପବେଲ ନାମକ ଜଣେ ବ୍ୟକ୍ତି ଏକ ଭିନ୍ନ ଉପାୟ ଆପଣେଇ ମାରାଥନ୍‌କୁ ଆହୁରି ବେଶି କଷ୍ଟକର କରିଦେଇଛନ୍ତି। କଥା କ'ଣ କି ସେ ମାରାଥନ୍ ଦୌଡିବାବେଳେ ନିଜର ପାଞ୍ଚଟି ସନ୍ତାନକୁ ଏକ ଷ୍ଟ୍ରଲର୍‌ରେ ବସାଇ ଉକ୍ତ ଷ୍ଟ୍ରଲରକୁ ଦୁଇ ହାତରେ ଠେଲି ଠେଲି ଦୌଡିଛନ୍ତି। ଚାଡ୍ ଓ ତାଙ୍କ



ସ୍ତ୍ରୀ ଏମିଙ୍କର ଯମଜ ନୁହେଁ ବରଂ ଏକାଥରେ ପାଞ୍ଚୋଟି ସନ୍ତାନ ଜନ୍ମ ହୋଇଥିଲେ। ଏହା ପୂର୍ବରୁ ଏହି ଦମ୍ପତିଙ୍କର ଦୁଇଟି କନ୍ୟାସନ୍ତାନ ବି ଥିଲେ। ସାତୋଟି ସନ୍ତାନଙ୍କ ଯତ୍ନ ନେବା ଆଦୌ ସହଜ ନୁହେଁ। ତଥାପି କାମ୍ପବେଲ କିଛି ସମୟ ବାହାର କରି ଯେମିତି ବି ହେଉ ଦୌଡୁଥିଲେ। କାରଣ ଦୌଡ଼ିବା ତାଙ୍କର ଏକ ନିଶା। ଶେଷରେ ସେ ନିଜର ଏହି ପାଞ୍ଚ ସନ୍ତାନକୁ ଷ୍ଟ୍ରଲରରେ ବସାଇ ତାକୁ ଠେଲି ଠେଲି ଦୌଡ଼ିବାକୁ ନିଷ୍ପତ୍ତି ନେଲେ। ଏଥିପାଇଁ ସେ ଏକ ସ୍ୱତନ୍ତ୍ରଧରଣର ଷ୍ଟ୍ରଲର୍ ବ୍ୟବହାର କରନ୍ତି, ଯେଉଁଥିରେ ପଛକୁ ପଛ ପାଞ୍ଚୋଟି ସିଟ୍ ଥାଏ। ଫଳରେ ପାଞ୍ଚୋଟି ଯାକ ସନ୍ତାନ ଆରାମରେ ବସି ଏକସାଙ୍ଗରେ ବୁଲିପାରନ୍ତି। ୨୦୧୯ ମସିହାରେ କାଲିଫର୍ନିଆରେ ଆୟୋଜିତ ହୋଇଥିବା ମୋଡେଷ୍ଟୋ ମାରାଥନ୍‌ରେ ଚାଡ୍ ଷ୍ଟ୍ରଲରରେ ବସିଥିବା ନିଜ ସନ୍ତାନମାନଙ୍କୁ ଠେଲି ଠେଲି ଦୌଡ଼ିଥିଲେ। ଆଉ ୪ ଘଣ୍ଟା ୪୨ ମିନିଟ ୪୯ ସେକେଣ୍ଡରେ ରେସ୍ ସମାପ୍ତ କରି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ।




# ଏକାଥରେ ୩୮ କୁକୁର ଧରି ଚାଲିଲେ

**କା**ନାଡାର ମିସେଲ ରୁଡ଼ି ଜଣେ ଡଗ୍ ଲଭର୍। ନିକଟରେ ସେ କୁକୁରମାନଙ୍କୁ ନେଇ ଏକ ଅଜବ ରେକର୍ଡ କରିଛନ୍ତି। ତାହା ହେଉଛି ଏକାଥରେ ସର୍ବାଧିକ କୁକୁରଙ୍କୁ ବୁଲାଇବାର ରେକର୍ଡ। ଏହି ରେକର୍ଡ ପୂର୍ବରୁ ଆଉ ଜଣଙ୍କ ନାଁରେ ଥିଲା। ସେ ଏକାଥରେ ୩୬ଟି କୁକୁରଙ୍କୁ ବୁଲାଇଥିଲେ। ହେଲେ ଏକାଥରେ ୩୮ଟି କୁକୁର ବୁଲାଇ ରୁଡି ଏହି ରେକର୍ଡକୁ ଭାଙ୍ଗିଲେ। ସେ କୁକୁରଙ୍କ ବେକରେ ବନ୍ଧା ଯାଇଥିବା ପଟିକୁ ଧରି ୧ କି.ମି. ପର୍ଯ୍ୟନ୍ତ ବୁଲାଇଥିଲେ। ସେ ଯେଉଁ କୁକୁରଙ୍କୁ ବୁଲାଇଥିଲେ ସେ ସବୁ ବୁଲାକୁକୁର ଥିଲେ, ଯାହାକୁ ଉଦ୍ଧାର କରି ଆଣି କେକେ୯ଆର୍ ନାମକ ଏକ ଏଜେନ୍ସି ନିଜର ସେଲ୍ଟର ହୋମ୍‌ରେ ପୋଷ୍ୟଭାବେ ଦେବା ପାଇଁ ରଖିଥିଲା। ରୁଡ଼ି ଏହି କୁକୁରଙ୍କୁ ଧରି ବୁଲିବାର ଆଉ ଏକ ଉଦ୍ଦେଶ୍ୟ ଥିଲା –ଯେମିତିକି ସେମାନଙ୍କୁ ଲୋକେ ପୋଷ୍ୟଭାବେ ଗ୍ରହଣ କରନ୍ତୁ। ସେମାନଙ୍କୁ ନୂଆ ଘର ସହ ବହୁତ ସ୍ନେହ ଆଦର ମିଳୁ। ତାଙ୍କ ମତରେ ଏହି କୁକୁର ବହୁତ ଭଲ। ତେଣୁ ଏମାନେ ଭଲ ଘର ଓ ମାଲିକ ପାଇବାର ହକ୍‌ଦାର।






# ରୋବୋ ଖେଳୁଛି ବାସ୍କେଟ ବଲ୍

**ଆ**ଜିକାଲି ଚିକିତ୍ସା, ଶିକ୍ଷା, କର୍ପୋରେଟ୍ ଭଳି ବିଭିନ୍ନ କ୍ଷେତ୍ରରେ ରୋବୋ ନିଜର କମାଲ ଦେଖେଇ ସାରିଲେଣି। ଏବେ ଖେଳ କ୍ଷେତ୍ରରେ ବି ରୋବୋ କମାଲ ଦେଖେଇବା ଆରମ୍ଭ କରିଦେଲେଣି। ଅର୍ଥାତ୍ ଏକ ରୋବୋ ବାସ୍କେଟ ବଲ୍ ଖେଳୁଥିବା ଦେଖିବାକୁ ମିଳୁଛି। ସିୟୁଇ୬ ନାମକ ଏହି ହ୍ୟୁମାନୋଏଡ୍ ରୋବୋକୁ ଜାପାନର ଟୋୟୋଟା ମୋଟର କର୍ପୋରେଶନ୍ ନିର୍ମାଣ କରିଛି। ଉକ୍ତ ରୋବୋ ପ୍ରାୟ ୮୦ ଫୁଟ୍ ଦୂରତାରୁ ଜବରଦସ୍ତ ବାସ୍କେଟ ବଲ୍ ଶଟ୍ ଲଗାଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ୨୦୧୭ରେ ଏହାର ନିର୍ମାଣ କାମ ଟୋୟୋଟାର ଫ୍ରଣ୍ଟିୟର୍ ରିସର୍ଚ୍ଚ ଟିମ୍ ଓ କେତେଜଣ ସ୍ୱୟଂସେବକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏବେ ମଣିଷ ଆକାରର ଏହି ରୋବୋ ନା କେବଳ ବାସ୍କେଟ ବଲ୍‌କୁ ହୁପ୍‌ରେ ପକାଉଛି ବରଂ ଯଦି କିଛି ଭୁଲ୍ ଭଟକା ହୁଏ ତେବେ ତାକୁ ନିଜେ ସୁଧାରିବାକୁ ବି ଚେଷ୍ଟା କରୁଛି। ଆଉ ନୂଆ ଉପାୟରେ ଶଟ୍ ଖେଳିବାକୁ ପ୍ରୟାସ କରୁଛି। ରୋବୋକୁ ତିଆରି କରିଥିବା ରିସର୍ଚ୍ଚ ଟିମ୍ ପ୍ୟାଟର୍ନକୁ ଚିହ୍ନି ଶଟ୍‌କୁ ଠିକ୍‌ଭାବେ ପକାଇବା ପାଇଁ ତାଲିମ ଦେଇଛି। ତେବେ ଖେଳ ମଇଦାନରେ ରୋବୋକୁ ଓହ୍ଲାଇବାର ଏହା ପ୍ରଥମ ପ୍ରୟାସ ନୁହେଁ। ୨୦୨୨ରେ ଆମେରିକାର ଜୋଶୁଆ ୱାକର ହ୍ୟୁମାନଏଡ ନାମକ ରୋବୋ ୧୧୩ ଫୁଟ୍ ୬ ଇଞ୍ଚ ଦୂର ଶଟ୍ ମାରି ସବୁଠାରୁ ଲଙ୍ଗ ବାସ୍କେଟ ବଲ୍ ଶଟ୍‌ର ରେକର୍ଡ କରିଥିଲା। ସିୟୁଇ ୬ ହ୍ୟୁମାନଏଡ ରୋବୋ ଆଗାମୀ ଦିନରେ ଆହୁରି ଅଧିକ ଲମ୍ବା ଶଟ୍ ପକାଇବ ବୋଲି ଆଶା କରାଯାଏ।